بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

# ବଦର

Weekly BADAR Qadian କାଦିଆନ

Odia

ଖଣ୍ଡ: 9

ସଂଖ୍ୟା: 35

ବାର୍ଷିକ ଦେୟ : 600/-

**ସମ୍ପାଦକ:** କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ

www.akhbarbadr.in

23 ସଫର୍ 1446 ହି.କ, 29 ଜୁହୁର୍ 1403 ହି.ଶ, 29 Aug-2024 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

وَھُوَ الَّذِیۡ مَدَّ الۡاَرۡضَ وَجَعَلَ فِیۡھَا رَوَاسِیَ وَاَنۡھٰرًا ؕ وَمِنۡ کُلِّ الثَّمَرٰتِ جَعَلَ فِیۡھَا زَوۡجَیۡنِ اثۡنَیۡنِ یُغۡشِی الَّیۡلَ النَّھَارَ ؕ اِنَّ فِیۡ ذٰلِکَ لَاٰیٰتٍ لِّقَوۡمٍ یَّتَفَکَّرُوۡنَ

(ଅର୍ ରାଆଦ୍ : 4)

ଅନୁବାଦ: ଏବଂ ସେ ହିଁ ଭୂପୃଷ୍ଠକୁ ବିସ୍ତାରିତ କରିଛନ୍ତି ଏବଂ ତନ୍ମଧ୍ୟରେ ଦୃଢ ଭାବରେ ସ୍ଥାପିତ ପର୍ବତ ଓ ନଦୀମାନ ସୃଷ୍ଟି କରିଛନ୍ତି। ତନ୍ମଧ୍ୟରେ ସେ ଫଳଗୁଡ଼ିକୁ ମାଇ ଅଣ୍ଡିରା ଭାବରେ ଯୋଡ଼ି ଓ ଯୁଗ୍ମ ଭାବରେ ସୃଷ୍ଟି କରିଛନ୍ତି । ସେ ହିଁ ରାତ୍ର ଦ୍ୱାରା ଦିବସକୁ ଆଚ୍ଛନ୍ନ କରନ୍ତି । ଯେଉଁମାନେ ଚିନ୍ତାଶୀଳ ବ୍ୟକ୍ତି ସେମାନଙ୍କ ପାଇଁ ନିଃସନ୍ଦେହ ରୂପେ ତହିଁରେ ଅନେକ ନିଦର୍ଶନ ରହିଅଛି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ନ୍ୟାୟ ବିଚାର କରିବାର ମହତ୍ତ୍ୱ

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ତୁମମାନଙ୍କ ପୂର୍ବରୁ ଯେଉଁ ଲୋକମାନେ ଥିଲେ ସେମାନେ କେବଳ ଉକ୍ତ କଥା ଯୋଗୁଁ ବିପର୍ଯ୍ୟୟ ଓ ବିନାଶର ସମ୍ମୁଖୀନ ହୋଇଥିଲେ । ସେମାନଙ୍କର ଉକ୍ତ ଅଭ୍ୟାସ ରହିଥିଲା ଯେ, ଯେତେବେଳେ ସେମାନଙ୍କ ମଧ୍ୟରେ କୌଣସି ଧନବାନ୍ ଏବଂ ସମ୍ଭ୍ରାନ୍ତ ବଂଶର ବ୍ୟକ୍ତି ଚୋରି କରୁଥିଲା ସେତେବେଳେ ସେମାନେ ଉକ୍ତ ବ୍ୟକ୍ତିକୁ ଛାଡ଼ି ଦେଉଥିଲେ ଏବଂ ଯେତେବେଳେ କୌଣସି ଦରିଦ୍ର ବ୍ୟକ୍ତି ଚୋରି କୁରୁଥିଲା ସେତେବେଳେ ବିଚାରକମାନେ ଗରିବ ତଥା ଦରିଦ୍ର ବ୍ୟକ୍ତି ବିରୁଦ୍ଧରେ ଶାସ୍ତି ଘୋଷଣା କରୁଥିଲେ । ଆଁହଜରତ୍ ସ.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୁହମ୍ମଦର ସୁପୁତ୍ରୀ ଫାତିମା ଯଦି ଚୋରୀ କରିବ ତେବେ ମୁଁ ତା'ର ମଧ୍ୟ ହସ୍ତ କର୍ତ୍ତନ କରିଦେବି। **(ବୁଖାରୀ କିତାବୁସ୍ ସାଲିହୁ, ବାବୁସ୍ ସୁଲହୁ ଫିଦ୍ ଦିୟତା)**

### ବିଶ୍ୱାସର ମିଷ୍ଟତା

ହ. ଅନସ୍ ର.ଅ ଆଁହଜରତ ସ.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ମଧ୍ୟରେ ଏହି ତିନୋଟି କଥା ଥାଏ ତେବେ ସେହି ବ୍ୟକ୍ତି ବିଶ୍ୱାସର ମିଷ୍ଟ ସ୍ୱାଦକୁ ଆସ୍ୱାଦନ କରି ନେଇଥାଏ । (1) ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ଅନ୍ୟ ସମସ୍ତ ବସ୍ତୁ ଅପେକ୍ଷା ସେହି ବ୍ୟକ୍ତିକୁ ସର୍ବାଧିକ ପ୍ରିୟ ବୋଲି ମନେହେବା ଉଚିତ୍ । (2)ସେହି ବ୍ୟକ୍ତି ଯେଉଁ ବ୍ୟକ୍ତିକୁ ବି ଭଲ ପାଇବ ତାହା କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଉଦ୍ଦିଷ୍ଟ ହେବା ଉଚିତ୍ । (3) ଅବଜ୍ଞତା ଆଡ଼କୁ ପୁନଃ ପ୍ରତ୍ୟାବର୍ତ୍ତନ କରିବାକୁ ସେହିପରି ମନେକରୁ ଯେପରିକି ସେ ଅଗ୍ନି ମଧ୍ୟକୁ ନିକ୍ଷେପ ହେବାକୁ ଅପ୍ରିୟ ବୋଲି ମଣିଥାଏ । **(ବୁଖାରୀ କିତାବ୍ ଇମାନ, ବାବୁ ହଲାୱତିଲ୍ ଇମାନି)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ମନେରଖ ! ଯେଉଁ ବ୍ୟକ୍ତି ନମାଜରୁ ଆସ୍ୱାଦିତ ତଥା ଆନନ୍ଦିତ ଅନୁଭବ କଲା ନାହିଁ ସେହି ବ୍ୟକ୍ତି ବିଶ୍ୱାସରୁ ମଧ୍ୟ ଆନନ୍ଦିତ ଓ ଆସ୍ୱାଦିତ ହୋଇପାରିବ ନାହିଁ ।

#### ନମାଜରେ ଆର୍ତ୍ତନାଦମୂଳକ ବିନୀତତା ଓ ଦୁଆ

ମନୁଷ୍ୟର ଧର୍ମପରାୟଣମୂଳକ ଜୀବନର ସବୁଠୁ ବୃହତ୍ ସ୍ତର ହେଉଛି ନମାଜ୍ । ଯେଉଁ ବ୍ୟକ୍ତି ନମାଜରେ ଈଶ୍ୱରଙ୍କ ସମ୍ମୁଖରେ ଆକୁଳ ବିନୀତତା ଏବଂ ନିବେଦନ କିରଥାଏ ସେ ନିରାପଦ ଏବଂ ଶାନ୍ତିରେ ଜୀବନ ଯାପନ କରେ । ଯେପରିକି ଜଣେ ଶିଶୁ ନିଜ ମାତା କୋଳରେ ଚିତ୍କାର କରି କ୍ରନ୍ଦନ, ରୋଦନ (କାନ୍ଦିବା) କରିଥାଏ ଏବଂ ନିଜ ମାତାର ପ୍ରେମ ଓ ମମତାକୁ ଅନୁଭବ କରିଥାଏ । ଠିକ୍ ସେହିପରି ନମାଜରେ ଆକୁଳ ବିନୀତତା ଏବଂ ନିବେଦନପୂର୍ବକ ଈଶ୍ୱରଙ୍କ ସମକ୍ଷରେ ବିନୀତତା ପ୍ରଦର୍ଶନ କାରୀ ବ୍ୟକ୍ତି ସ୍ୱୟଂକୁ ଈଶ୍ୱରଙ୍କ ଦୟାମୟ କୋଳରେ ପକାଇ ଦେଇଥାଏ। ମନେରଖ ! ଯେଉଁ ବ୍ୟକ୍ତି ନମାଜରୁ ଆସ୍ୱାଦିତ ତଥା ଆନନ୍ଦିତ ଅନୁଭବ କଲା ନାହିଁ ସେହି ବ୍ୟକ୍ତି ବିଶ୍ୱାସରୁ ମଧ୍ୟ ଆନନ୍ଦିତ ଓ ଆସ୍ୱାଦିତ ହୋଇପାରିବ ନାହିଁ । ନମାଜ କହିଲେ ଈଶ୍ୱରଙ୍କ ସମ୍ମୁଖରେ ମୁଣ୍ଡି ମାରିବା ନୁହେଁ । ବରଂ କେତେକ ଲୋକମାନେ ନମାଜକୁ ତ' କୁକୁଡ଼ା ପରି ଦୁଇ ଚାରି ଥଣ୍ଟ ମାରି ଶୀଘ୍ର ସାରି ଦେଇଥାଆନ୍ତି ଓ ପୁନଶ୍ଚ ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ (ପ୍ରାର୍ଥନା) କରିଥାଆନ୍ତି । କିନ୍ତୁ ସେହି ସମୟଟି ଯାହାକି ପ୍ରଭୁଙ୍କ ସମ୍ମୁଖରେ ନିଜର ନୈବେଦ୍ୟକୁ ଉପସ୍ଥାପିତ କରିବା ନିମିତ୍ତ ପ୍ରାପ୍ତ ହୋଇଥିଲା ତାହାକୁ କେବଳ ଏକ ଚିରାଚରିତ ପ୍ରଥା ଏବଂ ଅଭ୍ୟାସ ରୂପେ ଶୀଘ୍ର ଶୀଘ୍ର ସମାପ୍ତ କରିବାରେ ଅତିବାହିତ କରିଦେଇ ଥାଆନ୍ତି। ହେଲେ ସେମାନେ ଈଶ୍ୱରଙ୍କ ସମକ୍ଷରୁ ହଟି ଯାଇ ଦୁଆ କରିଥାଆନ୍ତି । ଅର୍ଥାତ୍ ସେମାନେ ଦୁଆ କରନ୍ତି ଯେ, ପ୍ରଭୁ ଅମକ କର ସମକ କର । ଆମର ଅମକ କାର୍ଯ୍ୟ କରିଦିଅ ସମକ କାମ କରିଦିଅ । ସୁତରାଂ ହ. ମସିହ୍ ମଉଦ୍ ଅ.ସ କହିଲେ, ତୁମେମାନେ ନମାଜ୍ରେ (ଅଧିକ) ଦୁଆ କର । ନମାଜକୁ ଦୁଆର ଏକ ମାଧ୍ୟମ ରୂପେ ଗ୍ରହଣ କରିନିଅ । **(ମଲଫୁଜାତ୍, ଭାଗ-2, ପୃ-28, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

### ଯେପରି ଜଣେ ବ୍ୟକ୍ତି ଉଚ୍ଚ ସ୍ଥାନରୁ ଖସି ପଡ଼ି ଖଣ୍ଡ ବିଖଣ୍ଡିତ ହୋଇଯାଇଥାଏ ଠିକ୍ ସେହିପରି ଏକେଶ୍ୱରବାଦ ବିପକ୍ଷରେ ଶିର୍କ କରିବା ଏକ ଘୃଣ୍ୟ କାର୍ଯ୍ୟ ଅଟେ ।

ସୟେଦିନା ହ. ମୁସ୍ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍ର ଆୟତ୍ ସଂଖ୍ୟା 35 وَمَنۡ یُّشۡرِکۡ بِاللّٰہِ فَکَاَنَّمَا خَرَّ مِنَ السَّمَآءِ فَتَخۡطَفُہُ الطَّیۡرُ اَوۡ تَہۡوِیۡ بِہِ الرِّیۡحُ فِیۡ مَکَانٍ سَحِیۡقٍ ର ବ୍ୟାଖ୍ୟା କରି କୁହନ୍ତି: ଏକେଶ୍ୱରବାଦ ବିପକ୍ଷରେ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଠିକ୍ ସେହିପରି ଅଟେ ଯେପରିକି ଜଣେ ବ୍ୟକ୍ତି ଉଚ୍ଚ ସ୍ଥାନରୁ ଖସିପଡ଼ି ଖଣ୍ଡ ବିଖଣ୍ଡିତ ହୋଇଯାଇଥାଏ ଏବଂ ପବନ ତା'ର ଖଣ୍ଡ ବିଖଣ୍ଡିତ ଶରୀର ଅଂଶକୁ ଦୂର ଦୂରକୁ ଫିଙ୍ଗିଦେଉ । କାରଣ ମୁସରିକ୍ ନିଜର ଅନେକ ମୁନିବ ଏବଂ ଅନେକ ମାଲିକଙ୍କୁ (ନାମ)ବାଛିଥାଏ । ସେହି ମୁସ୍ରିକ୍ ପ୍ରତ୍ୟେକ ମାଲିକକୁ ତା'ର ମାଂସ ଉପରେ ଅଗ୍ରାଧିକାର ଦେଇଥାଏ ।

ଏଠାରେ ଏହା ସ୍ମରଣ ରଖିବା ଉଚିତ୍ ଯେ, ସିର୍କର ପ୍ରସଙ୍ଗ ଏଭଳି ଏକ ପ୍ରସଙ୍ଗ ଯେ, ତାହାକୁ ଯେପରି ସରଳ ବୋଲି ମନେକରାଯାଇଥାଏ ସେପରି ତାହା ସରଳ ହୋଇ ନଥାଏ । ବରଂ ତାହା ଅତ୍ୟନ୍ତ ସୂକ୍ଷ୍ମ ପ୍ରସଙ୍ଗ ଅଟେ। ଅତଃ ଅନେକ ଜାତିମାନେ ଯେଉଁମାନେ ପ୍ରକାଶ୍ୟ ରୂପେ ସିର୍କର ବିରୋଧୀ ଅଟନ୍ତି ସେମାନେ ବ୍ୟବହାରିକ ରୂପେ ସିର୍କରେ ଲିପ୍ତ ଏବଂ ପିଡ଼ୀତ ଅଟନ୍ତି । ଏହାର କାରଣ ଏହିକି ଯେ, ସେମାନେ ସିର୍କର ବାସ୍ତବତା ସଂକ୍ରାନ୍ତରେ ବୁଝିବାକୁ ଅସମର୍ଥ ଓ ବଞ୍ଚିତ ଅଟନ୍ତି । ପ୍ରକୃତ କଥା ଏହିକି ଯେ, ସିର୍କର କୌଣସି ସଂଜ୍ଞା ନାହିଁ । ବରଂ ବିଭିନ୍ନ ଦୃଷ୍ଟିକୋଣରୁ ଉକ୍ତ ବ୍ୟାଧିର ବାସ୍ତବତାକୁ ହୃଦୟଙ୍ଗମ କରାଯାଇପାରିବ। ଯେପର୍ଯ୍ୟନ୍ତ ତା'କୁ ଏକ ସଂଜ୍ଞା ମଧ୍ୟରେ ସଂଜ୍ଞାୟିତ କରିବା ନିମନ୍ତେ ଉଦ୍ୟମ କରାଯାଇ ନାହିଁ ସେପର୍ଯ୍ୟନ୍ତ ଉକ୍ତ ସମସ୍ୟାର ସମାଧାନ ହେବ ନାହିଁ ବରଂ ଉକ୍ତ ସମସ୍ୟାଟି ଜଟିଳ ହୋଇ ରହିଥିବ । ମୋ ନିକଟରେ ସିର୍କକୁ ନିମ୍ନଲିଖିତ ଭାଗରେ ବିଭକ୍ତ କରାଯାଇପାରିବ । ଯଥା- (1) ଏହା ବିଚାର କରିବା କି ଏକାଧିକ ଅସ୍ତିତ୍ୱ ରହିଛନ୍ତି ଯେଉଁମାନେ ସମାନ ପ୍ରକାରର ଶକ୍ତିର ଅଧିକାରୀ ଅଟନ୍ତି । ସମସ୍ତେ ସଂସାର ଜଗତର ଶାସକ, ବିଚାରକ ଏବଂ ଅଧିପତି ଅଟନ୍ତି । ଏହା ହେଉଛି ଅସ୍ତିତ୍ୱବାଦୀ ସିର୍କ ।

(2) ଏହା ବିଚାର କରିବା କି ସଂସାରର ବୁଦ୍ଧିମାନ ମନୀଷୀ ରାଜନୀତିଜ୍ଞ ଅସ୍ତିତ୍ୱ ଏକାଧିକ ଅଟନ୍ତି ଯହିଁରେ

ନୈପୁଣ୍ୟତା ବିଭକ୍ତିକୃତ ହୋଇଛି । କେଉଁ ଦେବତା ମଧ୍ୟରେ କେଉଁ ବିଶେଷତା ଏବଂ ନୈପୁଣ୍ୟତା ରହିଛି ତ' ଆଉ କେଉଁ ଦେବତା ମଧ୍ୟରେ ଆଉ କେଉଁ ବିଶେଷତା ବିଦ୍ୟମାନ ରହିଛି । ଉକ୍ତ ସିର୍କ ମଧ୍ୟ ସ୍ୱତଃସ୍ଫୃତ ଭାବରେ ଅସ୍ତିତ୍ୱରେ ପ୍ରବିଷ୍ଟ ରହିଛି ।

(3) ସେହି କର୍ମ ଯାହାକି ବିଭିନ୍ନ ଜାତି ମଧ୍ୟରେ ବିନତୀତା ଏବଂ ବିନମ୍ରତା ନିମନ୍ତେ ଅବଲମ୍ବନ କରାଯାଇଛି । ତନ୍ମଧ୍ୟରୁ ଯେଉଁ କର୍ମ ଅତ୍ୟନ୍ତ ବିନୀତ କର୍ମମୂଳକ ଅଟନ୍ତି ସେଗୁଡ଼ିକୁ ଈଶ୍ୱରଙ୍କ ବିତୀତ ଅନ୍ୟ ପାଇଁ ଅବଲମ୍ବନ କରିବା । ଉଦାହରଣ ସ୍ୱରୂପ ସଜ୍‌ଦା (ଈଶ୍ୱରଙ୍କ ଆଗରେ ଦଣ୍ଡବତ ହେବା) ହେଉଛି ଅତ୍ୟନ୍ତ ଭଦ୍ରତା ଏବଂ ବିନୀତତା ପ୍ରକାଶ କରିବାର ଉତ୍କୃଷ୍ଟ ମାଧ୍ୟମ । ସୁତରାଂ ଉକ୍ତ କର୍ମ କେବଳ ଅଲ୍ଲାଃତାଲାଙ୍କ ସକାଶେ ହିଁ ଉଦ୍ଦିଷ୍ଟ ଅଟେ । ଅନ୍ୟ କାହାରି ପାଇଁ ଉଦ୍ଦିଷ୍ଟ ନୁହେଁ । କିନ୍ତୁ ସଜ୍‌ଦା ବ୍ୟତୀତ ମଧ୍ୟ ବିଭିନ୍ନ ଜାତିରେ ବିଭିନ୍ନ ଶାରୀରିକ ଗତିବିଧିକୁ ଅତ୍ୟନ୍ତ ବିନୀତତା ନିମନ୍ତେ ବିବେଚିତ କରାଯାଇଛି । ଯେପରିକି ହାତ ବାନ୍ଧି ଛିଡ଼ା ହେବା କିମ୍ବା ରୁକୁ ଇତ୍ୟାଦି କରିବା । ଏହି ସମସ୍ତ ପ୍ରସଙ୍ଗକୁ ଈଶ୍ୱର ଐଶୀ ଉପାସନାର ଅଭିନ୍ନ ଅଙ୍ଗ ବୋଲି ବିବେଚିତ କରିଛନ୍ତି । ସୁତରାଂ ବର୍ତ୍ତମାନ ଉକ୍ତ ସମସ୍ତ କର୍ମ ଅନ୍ୟ ଅସିଦ୍ଧ ନିମନ୍ତେ ପ୍ରଯୁଜ୍ୟ ଓ ଉଦ୍ଦିଷ୍ଟ ନୁହଁ ।

(4) ଚତୁର୍ଥ ପ୍ରକାର ସିର୍କ ହେଉଛି ମନୁଷ୍ୟ ପ୍ରକାଶ୍ୟ ସାଧନ ସଂପର୍କରେ ଏହା ମନେକରେ ଯେ, ସେହି ସାଧନ ଦ୍ୱାରା ତା'ର ସମସ୍ତ ଆବଶ୍ୟକତା ପୂରଣ ହୋଇଯିବ ଓ ଅଲ୍ଲାଃତାଲାଙ୍କ ପ୍ରୟୋଗ ତଥା ବ୍ୟବହାରର ବିଚାର ନିଜ ମନ ଭିତରକୁ କାଢିଦେଉ। ବ୍ୟକ୍ତି ଏହା ବିଚାର କରେ ଯେ, କେବଳ ବସ୍ତୁବାଦୀ ସାଧାନଗୁଡ଼ିକ ହିଁ ତା'ର ଆବଶ୍ୟକତାକୁ ପୂରଣ କରି ପାରିବେ । ତେଣୁ ଏପରି କରିବା ମଧ୍ୟ ସିର୍କ ଅଟେ । ହଁ ଯଦି ଏହା ବିଚାର କରାଯାଏ ଯେ, ସେହି ସାଧନ ତଥା ବସ୍ତୁ ମଧ୍ୟରେ ଅଲ୍ଲାଃତାଲାଙ୍କ ଅମକ ଶକ୍ତି ନିହିତ ରହିଛି ଓ ତାହାଙ୍କ ଇଚ୍ଛାନୁଯାୟୀ ହିଁ ପରିଣାମ ତଥା ଫଳାଫଳ ସୃଷ୍ଟି ହେବ । ତେବେ ଏହା ସିର୍କ ନୁହେଁ ।

(5) ସିର୍କର ପଞ୍ଚମ କିସମ ହେଉଛି ଈଶ୍ୱରଙ୍କ ସେହି ବିଶେଷ ଗୁଣାବଳୀଗୁଡ଼ିକ ଯାହାକୁ ସେ ନିଜର ଭକ୍ତମାନଙ୍କୁ ଦେଇ ନାହାନ୍ତି ଯେପରିକି ମୃତ ବ୍ୟକ୍ତିତୁ ଜୀବିତ କରିବା କିମ୍ବା କୌଣସି ବସ୍ତୁ ବା ପଦାର୍ଥକୁ ସୃଷ୍ଟି କରିବା । ଈଶ୍ୱରଙ୍କ ଚିରଞ୍ଜୀବତ୍ୱ ଓ ଅମୂର୍ତ୍ତ ହେବା ଇତ୍ୟାଦି ପ୍ରସଙ୍ଗ ମଧ୍ୟରୁ ଈଶ୍ୱରଙ୍କ ବିଶେଷତାକୁ ଯଦି ସମାପ୍ତ କରିଦିଆଯାଏ ଏବଂ ସେହି ବିଶେଷତାରେ ଅନ୍ୟ କୌଣସି ଅସ୍ତିତ୍ୱ ବା ବସ୍ତୁକୁ ସାମିଲ୍ କରିନିଆଯାଏ । ସେ ପଛେ ଉକ୍ତ ଆସ୍ଥାକୁ ଭିତ୍ତି କରି ସିର୍କ କରାଯାଏ । ଅର୍ଥାତ ଈଶ୍ୱର ନିଜର ଇଚ୍ଛା ତଥା ନିଜର ଆଜ୍ଞାନୁଯାୟୀ ଏହି ସମସ୍ତ ବେଶେଷ ଗୁଣାବଳୀ କିମ୍ବା ଏହାର କିଞ୍ଚିତ ଅଂଶ କୌଣସି ବିଶେଷ ବ୍ୟକ୍ତିକୁ ପ୍ରଦାନ କରିଦେଇଛନ୍ତି ତେବେ ଏହା ମଧ୍ୟ ସିର୍କ ତୁଲ୍ୟ ହେବ ।

(6) ସିର୍କର ଷଷ୍ଠ କିସମ ହେଉଛି ଯେ, ମନୁଷ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ସାଧନକୁ ସଂପୂର୍ଣ୍ଣ ରୂପେ ଅଣଦେଖା କରିଦେଇ ଏହା ମନେକରିବ ଯେ, ସେହି ସାଧନଗୁଡ଼ିକୁ ବ୍ୟବହାର କରିବା ନିମନ୍ତେ ଈଶ୍ୱର କୌଣସି ବ୍ୟକ୍ତି କିମ୍ବା କୌଣସି ବିଶେଷ ବସ୍ତୁ ସୃଷ୍ଟି କରିଛନ୍ତି । ତେଣୁ ତାହାକୁ ନିଜର ବିଶେଷ ଶକ୍ତି ମାଧ୍ୟମରେ ହିଁ ସମ୍ପାଦନ କରିଦିଆଯାଉ । ଉଦାହରଣ ସ୍ୱରୂପ ଈଶ୍ୱର ଅଗ୍ନିକୁ ଜ୍ୱଳନ ଅର୍ଥାତ୍ ଜଳିବା ନିମନ୍ତେ ସୃଷ୍ଟି କରିଛନ୍ତି । ବର୍ତ୍ତମାନ ଯଦି କୌଣସି ବ୍ୟକ୍ତି ଏହା ମନେକରେ ଯେ, କୌଣସି ବ୍ୟକ୍ତି ନିଜର ବ୍ୟକ୍ତିଗତ ଶକ୍ତି ତଥା ସାମର୍ଥ୍ୟ ଦ୍ୱାରା ଅନ୍ୟ ମାଧ୍ୟମ ଯାହାକି ପ୍ରକୃତିର ନିୟମ ମଧ୍ୟରେ ନିୟତିକୃତ କରାଯାଇଛି ତାହାକୁ ବିନିଯୋଗ କରି ଅଗ୍ନି ସଂଯୋଗ କରିଦେଇଛି ତେବେ ଏହା ସିର୍କ ହେବ । କିନ୍ତୁ ତହିଁରେ ସମ୍ମୋହନ ବିଦ୍ୟା ସଂପୃକ୍ତ ନୁହେଁ । କାରଣ ଏହିସବୁ ଶକ୍ତିସବୁ ସ୍ୱୟଂ ପ୍ରକୃତିର ନିୟମ ମଧ୍ୟରେ ପୂର୍ବରୁ ହିଁ ଅନ୍ତର୍ଭୁକ୍ତ ରହିଛି । ଏହା କୌଣସି ବ୍ୟକ୍ତିର ବ୍ୟକ୍ତିଗତ ପାରଦର୍ଶିତା ନୁହେଁ ।

(7) ସିର୍କର ସପ୍ତମ କିସମ ଏହିକି ଯେ, ଯଦି ଏହା ବିଚାର କରାଯାଏ ଯେ, ଈଶ୍ୱର କୌଣସି ଭକ୍ତକୁ ଏତେ ପ୍ରେମ କରନ୍ତି ଯେ, ସେ ସେହି ବ୍ୟକ୍ତି ବା ଭକ୍ତର ପ୍ରତ୍ୟେକ କଥାକୁ ସ୍ୱୀକାର କରି ନେଇଥାଆନ୍ତି । କାରଣ ଏହାର ଅର୍ଥ ଏହା ହୁଏ ଯେ, ସେହି ଭକ୍ତ ଐଶୀ ଶକ୍ତିର ଅଧିକାରୀ ଅଟେ । **(ତଫ୍‌ସିର୍ କବିର୍ ଭାଗ-6, ପୃ-43, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)**

☆--☆--☆

## ବିଗତ ବଦର୍ ସଂଖ୍ୟା-34, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା-3-11-23ର ଅବଶିଷ୍ଟାଂଶ.......

ତେବେ ଏହିଭଳି ସନ୍ଧିକ୍ଷଣ ପରିସ୍ଥିତିରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଜମାଅତ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଜମାଅତ୍‌ର ସଦସ୍ୟବନ୍ଧଙ୍କୁ ତେହ୍‌ରିକ୍ (ଆହ୍ୱାନ) କଲେ ଏବଂ ଉକ୍ତ ଆହ୍ୱାନରେ ଆର୍ଥିକ ବଳିଦାନ ଦେବା ପ୍ରତି ଲୋକମାନଙ୍କର ଧ୍ୟାନ ଆକର୍ଷଣ କରାଗଲା । 1934 ମସିହାର କଥା ହେବ ନଭେମ୍ବର ମାସରେ ଆପଣ ର.ଅ ପ୍ରଥମ ଖୁତ୍‌ବା ଦେଲେ ତନ୍ମଧ୍ୟରୁ କିଛି ପ୍ରାକ୍‌କଥନ ଏବଂ ପୃଷ୍ଠଭୂମିର ବର୍ଣ୍ଣନା କଲେ । ଆପଣ ର.ଅ କହିଲେ ମୁଁ କାହିଁକି ଉକ୍ତ ଆହ୍ୱାନ ଦେବାକୁ ଚାହୁଁଛି । ବର୍ତ୍ତମାନ ଆପଣ ଉକ୍ତ ଆହ୍ୱାନର ଚର୍ଚ୍ଚା କରି ସଂପୂର୍ଣ୍ଣ ବୀବରଣୀ ପ୍ରଦାନ କରି ନଥିଲେ କି ନୈଷ୍ଠିକ ବ୍ୟକ୍ତିମାନେ ଆପଣ ର.ଅଙ୍କୁ ପ୍ରତ୍ୟେକ ପ୍ରକାରର ବଳିଦାନ ଉପସ୍ଥାପିତ କରିବା ନିମନ୍ତେ ପତ୍ର ଲେଖିବା ଆରମ୍ଭ କରିଦେଲେ ତେବେ ଏହି ପରିସ୍ଥିତିରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଜମାଅତ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ତେହ୍‌ରିକ୍ (ଆହ୍ୱାନ) କଲେ ଏବଂ ଉକ୍ତ ଆହ୍ୱାନରେ ଆର୍ଥିକ ବଳିଦାନ ଦେବା ପ୍ରତି ଧ୍ୟାନ ଆକର୍ଷଣ କରାଗଲା। ଫଳତଃ ଆପଣ ର.ଅ (ହ. ମୁସ୍‌ଲେହ୍ ମଉଦ୍ ର.ଅ) ପ୍ରସନ୍ନତା ପ୍ରକାଶ ମଧ୍ୟ କଲେ ଏବଂ କହିଲେ, ଏହି ସବିଶେଷ ବିବରଣୀ ମୁଁ ଏଇଥି ପାଇଁ ବର୍ଣ୍ଣନା କରୁଛି ଯେ, ଜମାଅତ୍ ବଳିଦାନ ଦେବା ପାଇଁ ପ୍ରସ୍ତୁତ ହେଉ। କାରଣ ବେଳେବେଳେ ବଳିଦାନକୁ ଦୀର୍ଘ କରିବାକୁ ପଡ଼ିଥାଏ । ତେଣୁ ଉକ୍ତ ବଳିଦାନ ଦେବା ନିମନ୍ତେ ମହିଳା ଓ ପିଲାମାନେ ମଧ୍ୟ ପ୍ରସ୍ତୁତ ହୁଅନ୍ତୁ । ଏହା କେବଳ ପୁରୁଷମାନଙ୍କର କାର୍ଯ୍ୟ ନୁହେଁ ବରଂ ମହିଳାମମାନଙ୍କୁ ମଧ୍ୟ ନିଜର ଦାୟିତ୍ୱ ପ୍ରତି ସଚେତନ ହେବାକୁ ପଡ଼ିବ । ଅର୍ଥାତ୍ ବର୍ତ୍ତମାନ ଉକ୍ତ ବଳିଦାନ ପ୍ରତ୍ୟେକ ଅହେମଦି ନିମନ୍ତେ ଅପରିହାର୍ଯ୍ୟ ନଥିଲା। କିନ୍ତୁ ନିଷ୍ଠା ଓ ବିଶ୍ୱସ୍ତତାର ଅସାଧାରଣ ଉତ୍ସାହ ଜମାଅତ୍ ବର୍ତ୍ତମାନ ପ୍ରଦର୍ଶନ କରିଛି । **(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-15, ପୃ-411ରୁ ଉଦ୍ଧୃତ)**

ସେ ଯାହା ହେଉ 1934 ମସିହାରେ ଆପଣ ର.ଅ ନିୟମିତ ରୂପେ ଏକ ପାଣ୍ଠିର ଘୋଷଣା କଲେ। ଆପଣ ର.ଅ କହିଲେ, ଆମେମାନେ ଶତ୍ରୁର ଉପଦ୍ରବ ଏବଂ ହିଂସାର ଉତ୍ତର ହିଂସା ପ୍ରଦର୍ଶନ କରି ଓ ଉପଦ୍ରବ ଦ୍ୱାରା ଦେବା ଅନୁଚିତ୍ ଅଟେ । ବରଂ ଉପଦ୍ରବ ଏବଂ ହିଂସାର ଉତ୍ତର ତବ୍‌ଲିଗ୍ କରି ଦେବା ଉଚିତ୍ । କାରଣ ଶତ୍ରୁକୁ ଏହି ସୁଯୋଗ ଏଇଥି ପାଇଁ ମିଳିଛି ଯେ, ଆମେମାନେ ପୂର୍ଣ୍ଣ ରୂପେ ତବ୍‌ଲିଗ୍‌ର କର୍ତ୍ତବ୍ୟ ସମ୍ପାଦନ କଲୁ ନାହିଁ । ଏଥି ସଂକ୍ରାନ୍ତରେ ଯେଉଁ ଗମ୍ଭୀରତାର ସହିତ ବିଚାର ବିମର୍ଷ କରି ଯୋଜନା ପ୍ରସ୍ତୁତ କରିବାର ଯେଉଁ ଆବଶ୍ୟକତା ରହିଥିଲା ତାହା କଲୁ ନାହିଁ । ଅହେମଦିୟତ୍‌ର ବାର୍ତ୍ତାକୁ ସଂସାରର କୋଣଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇବା ନିମନ୍ତେ ଯେଉଁ ଉଦ୍ୟମର ଆବଶ୍ୟକତା ରହିଥିଲା ତାହା କଲୁ ନାହିଁ । ତା'ର ଅଧିକାର ଯେପରି ସମ୍ପାଦନ କରାଯିବା କଥା ତାହା ହେଲା ନାହିଁ । ଆପଣ ର.ଅ ସେତେବେଳେ ଜମାଅତ୍‌କୁ ଏକ କାର୍ଯ୍ୟକ୍ରମ ପ୍ରଦାନ କରି ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ବଳିଦାନର ସ୍ତରକୁ ଉଚ୍ଚତର କରିବା ପ୍ରତି ଧ୍ୟାନ ଆକର୍ଷଣ କଲେ ଏବଂ ଆର୍ଥିକ ବଳିଦାନ କରିବା ପ୍ରତି ମଧ୍ୟ ଆହ୍ୱାନ ଦେଲେ। ସେହି ବଳିଦାନର ମୂଲ୍ୟ ପ୍ରାୟ 27,000/- ଟଙ୍କା ଥିଲା । ଉକ୍ତ ଅର୍ଥକୁ ତିନି ବର୍ଷ ମଧ୍ୟରେ ଏକତ୍ରିତ କରିବାର ଥିଲା । କିନ୍ତୁ ଅଲ୍ଲାଃତାଲା ଉକ୍ତ ନିଷ୍ଠା ଏବଂ ବିଶ୍ୱସ୍ତତା ଦ୍ୱାରା ପରିପୂର୍ଣ୍ଣ ଜମାଅତ୍‌କୁ ନିଜ କୃପା ବଳରେ ଉପସ୍ଥିତ ଖଲିଫାଙ୍କ ସ୍ୱରକୁ ଶୁଣି ଲବ୍‌ବୈକ (ଉପସ୍ଥିତ ଓ ପ୍ରସ୍ତୁତ ଅଛୁ) କହି ଏକ ଲକ୍ଷ ଟଙ୍କା ଏକ ବର୍ଷରେ ହିଁ ଦେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ। ସେତେବେଳେ ଜମାଅତ୍‌ର ଆର୍ଥିକ ଅବସ୍ଥାକୁ ଦେଖି ଏହା ବହୁତ ବଡ଼ ବଳିଦାନ ଥିଲା । କିଛି କିଛି ପଇସା ଏବଂ ଚାରେଣା (ଅର୍ଥାତ୍ 25 ପଇସା)ର ବଳିଦାନ ଜମାଅତ୍‌ର ଲୋକମାନେ ଦେଇଥିଲେ । ସେତେବେଳେ ନିଜର ଏବଂ ନିଜର ସନ୍ତାନମାନଙ୍କର ପେଟି କାଟି ବଳିଦାନ ଦେବାର ଯେଉଁ ଉଦାହରଣ ଜମାଅତ୍ ଉପସ୍ଥାପିତ କଲା ଅଲ୍ଲାଃତାଲା ତାହାକୁ ଏପରି ସ୍ୱୀକାର କଲେ ଯେ, ଯେଉଁଠି ସଂସାରର ତବ୍‌ଲିଗ୍ କରିବାର ଅସାଧାରଣ ମାର୍ଗ ଉନ୍ମୁକ୍ତ ଥିଲା ସେଠାରେ ଏହି ବଳିଦାନ ସେମାନଙ୍କ ପର୍ଯ୍ୟନ୍ତ ହିଁ ସୀମିତ ରହିଲା ନାହିଁ । ବରଂ ଆଜି ମଧ୍ୟ ଏପରି ଉଦାହରଣ ଆମେମାନେ ଅବଲୋକନ କରୁଛେ । ଯେପରିକି ଆମେମାନେ ଉପରୋକ୍ତ ଘଟଣାମାନଙ୍କର ବଳିଦାନର ଅପୂର୍ବ ଉଦାହରଣମାନ ମଧ୍ୟ ରହିଛି ଯାହାକୁ ମୁଁ ବର୍ଣ୍ଣନା କରିଛି । ସେ ଯାହା ହେଉ ସେହି ଲୋକମାନେ ଯେଉଁଠି ବଳିଦାନ ଦେଲେ ସେଠାରେ ଧର୍ମ ନିମନ୍ତେ ନିଜର ଜୀବନକୁ ମଧ୍ୟ ଉତ୍ସର୍ଗ ମଧ୍ୟ କରିଦେଲେ । ଦୂରବର୍ତ୍ତୀ ଦେଶମାନଙ୍କରେ ତବ୍‌ଲିଗ୍ କରବା ନିମନ୍ତେ ଗଲେ ଏବଂ କେତେକ ମୁବଲ୍ଲିଗିନ୍‌ଙ୍କୁ କାରାବାସ ଦଣ୍ଡ ଏବଂ ଅନ୍ୟ କଷଣ ମଧ୍ୟ ସହ୍ୟ କରିବାକୁ ପଡ଼ିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ ପ୍ରାରମ୍ଭରେ ହିଁ ଉକ୍ତ ଆହ୍ୱାନକୁ 10 ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରି ଦେଇଥିଲେ । ଅର୍ଥାତ୍ 3-10 ବର୍ଷକୁ ବୃଦ୍ଧି କରି ଦେଇଥିଲେ । ପୁନଶ୍ଚ ଦଶ ବର୍ଷ ପୂର୍ତ୍ତି ଅବସରରେ ଉକ୍ତ ସୁଖକର ତଥା ସକାରାତ୍ମକ ପରିଣାମ ବାହାରିବା ହେତୁ ଅତିରିକ୍ତ ବଳିଦାନ ଦେଉଥିବା ବଳିଦାନକାରୀମାନଙ୍କ ଅନୁରୋଧ କ୍ରମେ ଏହାକୁ (ଉକ୍ତ ବଳିଦାନକୁ) ଅତିରିକ୍ତ ବୃଦ୍ଧି କରି ଦେଇଥିଲେ । ପୁନଶ୍ଚ ଉକ୍ତ ଆହ୍ୱାନ ଏବଂ ଉକ୍ତ ବଳିଦାନ ପରବର୍ତ୍ତୀ ସମୟରେ ଏକ ନିୟମିତ ଆହ୍ୱାନ (ତେହ୍‌ରିକ୍) ହୋଇଗଲା । **(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-25, ପୃ-699-700ରୁ ଉଦ୍ଧୃତ) (ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-18, ପୃ-591)**

ଆଜି ଆମେମାନେ ଅଲ୍ଲାଃତାଲାଙ୍କ କୃପା ଏବଂ ତାହାଙ୍କ ସମର୍ଥନର ଯେଉଁ ଦୃଶ୍ୟାବଲୋକନ କରୁଛେ ତାହା ସେହି ପ୍ରାରମ୍ଭିକ ଲୋକମାନଙ୍କର ବଳିଦାନର ପରିଣାମ ଅଟେ। ଉକ୍ତ ବଳିଦାନକୁ କେବଳ ଅଲ୍ଲାଃତାଲା ସ୍ୱୀକାର କଲେ ନାହିଁ ବରଂ ଏବେ ମଧ୍ୟ ନୂତନ ଅଂଶଗ୍ରହଣକାରୀଙ୍କୁ ବେଳେବେଳେ ସ୍ୱପ୍ନ ମାଧ୍ୟମରେ ଉକ୍ତ ଆହ୍ୱାନରେ ଏବଂ ଆର୍ଥିକ ବଳିଦାନ ଦେବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି। ଯେପରିକି ମୁଁ ପୂର୍ବ ଘଟଣାବଳୀମାନଙ୍କରେ ବର୍ଣ୍ଣନା କରିଛି।

ସେହି ପ୍ରାରମ୍ଭିକ ବଳିଦାନକରୀଙ୍କ ବଂଶଧରମାନେ ଆଜି ମଧ୍ୟ ନିଜର ପିତୃ ପୁରୁଷମାନଙ୍କ ବଳିଦାନକୁ ସ୍ମରଣ ରଖି ଯେଉଁଠି ସେମାନେ ନିଜେ ଓ ନିଜର ଆଗାମୀ ବଂଶଧରମାନଙ୍କୁ ପିତୃପୁରୁଷଙ୍କ ବଳିଦାନକୁ ଜାରି ରଖିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ସେଠାରେ ସେମାନଙ୍କ ଉପରେ ପ୍ରଭୁଙ୍କର ଯେଉଁ ଅପାର କୃପା ପ୍ରାପ୍ତ ହୋଇଛି ତାହା ଦର୍ଶନୀୟ ଅଟେ । **(ଅବଶିଷ୍ଟାଂଶ...ପୃ-10ରେ)**

## (ଖୁତ୍‌ବା ଜୁମା)

ଦୁଇ ପୁରର ଅଧିପତି ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ଯୁଦ୍ଧାବସ୍ଥାରେ ବନ୍ଦୀ ହୋଇଥିବା କଏଦୀମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ ।

---

କାହା ସହିତ ଆପଣ ସ.ଅଙ୍କର କୌଣସି ବ୍ୟକ୍ତିଗତ ଶତ୍ରୁତା ନଥିଲା । ଅର୍ଥାତ୍ ଆପଣ ସ.ଅଙ୍କ ମନରେ ସେମାନଙ୍କ ପ୍ରତି କୌଣସି ବ୍ୟକ୍ତିଗତ ଶତ୍ରୁତା ତଥା ବୈରାଗ୍ୟ ଜନିତ ଆବେଗ ନଥିଲା । ବରଂ ଯେଉଁ ଶତ୍ରୁମାନେ ଅଲ୍ଲାଃତାଲାଙ୍କ ଧର୍ମକୁ ସମାପ୍ତ କରିବାକୁ ଇଚ୍ଛୁକ ଥିଲେ ସେହି ସମାପ୍ତକାରୀମାନଙ୍କ ବିରୁଦ୍ଧରେ ଆପଣ ସ.ଅ ଯୁଦ୍ଧ ଘୋଷଣା କରିଥିଲେ ।"

---

ଆପଣ ସ.ଅ ଯୁଦ୍ଧ ନୀତି ଏବଂ ନିୟମାବଳୀ ସ୍ଥିର ତଥା ନିର୍ଦ୍ଧାରିତ କରିଥିଲେ । ଏତଦ୍‌ପରେ ଆପଣ ସ.ଅ ଚୁକ୍ତି ପାଳନ ମଧ୍ୟ କଲେ ଏବଂ ସେହି ସବୁ ପ୍ରସଙ୍ଗ ଉପରେ ଆପଣ ସ.ଅ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟାନୁସରଣ ମଧ୍ୟ କଲେ । ଆଜିକାଲି ସାଂସାରିକ ଆଇନ ପରି ନୁହଁ ଯେ, ନିୟମାବଳୀ ବା ଆଇନ ତ' ଅସଂଖ୍ୟ ପ୍ରଣୟନ କରି ଦିଆଗଲା । କିନ୍ତୁ ସେହି ନିୟମାବଳୀ ଓ ଆଇନକୁ କାର୍ଯ୍ୟକାରୀ କରାଯାଉ ନାହିଁ ବରଂ ଦୋମୁହାଁ ନୀତି ଅବଲମ୍ବନ କରାଯାଉଛି ।

---

ଆପଣ ସ.ଅଙ୍କ ଜୀବନ ତ' ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀର ବ୍ୟାଖ୍ୟା ଥିଲା । ଯହିଁରେ ଅର୍ଥାତ୍ ଆପଣ ସ.ଅଙ୍କ ସେହି ବ୍ୟାଖ୍ୟାତ୍ମକ ଜୀବନୀର ନ୍ୟାୟ ଏବଂ ଶାନ୍ତି ସ୍ଥାପନର ମୌଳିକ ନୀତି ନିୟମ ତଥା ବିଭିନ୍ନ ମୌଳିକ ଦିଗ ସଂପର୍କରେ ବର୍ଣ୍ଣନା କରାଯାଇଛି ।

---

ଆପଣ ସ.ଅଙ୍କ ଆଦର୍ଶ ସେହି ଶିକ୍ଷା ପ୍ରକାଶରେ ପ୍ରତ୍ୟେକ ପାର୍ଶ୍ୱ ଉପରେ ଆବେଷ୍ଟିତ ଓ ପର୍ଯ୍ୟବେସିତ ଯାହାକି ପ୍ରତ୍ୟେକ ପାର୍ଶ୍ୱର ସର୍ବୋଚ୍ଚ ସ୍ତର ସ୍ଥାପନକାରୀ ରୂପେ ବିବେଚିତ ଅଟେ । ଓହୋଦ୍ ଯୁଦ୍ଧର କାରଣ ଏବଂ ପୃଷ୍ଠଭୂମିର ବିସ୍ତୃତ ଆଲୋଚନା । ଘଟଣାବଳୀଗୁଡ଼ିକ ଏହା ପ୍ରମାଣିତ କରୁଛି ଯେ, ଏହିସବୁ ଯୁଦ୍ଧଗୁଡ଼ିକ ଶତ୍ରୁ ନିଜେ ଶତ୍ରୁତାର ଅଗ୍ନିରେ ଅନ୍ଧ ହୋଇଯାଇ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଯୁଦ୍ଧ କରିଥିଲା, ଯାହାଫଳରେ ବାଧ୍ୟ ହୋଇ ଆଁହଜରତ ସ.ଅ ଓ ମୁସଲମାନମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ବାହାରିବାକୁ ପଡ଼ିଥିଲା ।

---

ହୁଜୁର ଅନ୍‌ୱର୍ ଅ.ବଙ୍କ କହିଲେ, ପାଲେଷ୍ଟାଇନ୍‌ର ନିଷ୍ପେଷିତ, ଅତ୍ୟାଚାରିତ ବାସୀମାନଙ୍କ ନିମନ୍ତେ ଦୁଆ କରୁଥାଆନ୍ତୁ, ଯୁଦ୍ଧ ସମାପ୍ତ ହେବା ପରେ ପୁନଃ ସେହି ନିରୀହମାନଙ୍କ ଉପରେ ବୋମା ବର୍ଷଣ ହେବ ଏବଂ ପୁନଶ୍ଚ ନିରୀହ ନାଗରିକମାନେ ଶହୀଦ୍ ହେବେ । ଏହା କେତେ ବଡ଼ ଅନ୍ୟାୟ ଅଟେ ?

---

ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ସେମାନଙ୍କର ଭବିଷ୍ୟ କ'ଣ ହେବ ? ସେମାନଙ୍କ ଭବିଷ୍ୟ ସଂପର୍କରେ ବୃହତ୍ ଶକ୍ତିର ଯେଉଁ ଉଦ୍ଦେଶ୍ୟ ରହିଛି ତାହା ଅତ୍ୟନ୍ତ ଭୟଙ୍କର ଅଟେ । ଅତଃ ସେମାନଙ୍କ ନିମନ୍ତେ ଦୁଆ କରିବାକୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବାରମ୍ବାର ବାରମ୍ବାର ଆହ୍ୱାନ । ହୁଜୁର କହିଲେ ସେମାନଙ୍କ ନିମନ୍ତେ ଦୁଆ କରିବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 01 DECEMBER 2023 ମସିହା ଅନୁଯାୟୀ ୦୧ ନବୁୱତ୍ /୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଁହଜରତ ସ.ଅଙ୍କ ଯୁଦ୍ଧ ସଂପର୍କରେ କିଛି ବର୍ଣ୍ଣନା କରିବି । ଆପଣ ସ.ଅଙ୍କ ବ୍ୟକ୍ତିତ୍ୱର ପକ୍ଷ ଓ ଆପଣ ସ.ଅଙ୍କ ଆଦର୍ଶ ସେହି ପରିସ୍ଥିତିରେ ଅର୍ଥାତ୍ତ ଯୁଦ୍ଧ ପରିସ୍ଥିତିରେ କିଭଳି ଆମମାନଙ୍କ ଆଖି ସମ୍ମୁଖକୁ ଚାଲି ଆସିଥାଏ ?

ବଦର୍ ଯୁଦ୍ଧ ସଂକ୍ରାନ୍ତରେ ଆମେମାନେ ଏହା ଅବଲୋକନ କରିସାରିଛୁ ଯେ, ଆଁହଜରତ ସ.ଅ ବନ୍ଦୀ ହୋଇଥିବା କଏଦୀମାନଙ୍କ ପ୍ରତି କିଭଳି ଆଚରଣ ପ୍ରଦର୍ଶନ କରିଥିଲେ ଏବଂ ସେମାନଙ୍କୁ ଆପଣ ସ..ଅ କିପରି ସୁବିଧା ସୁଯୋଗ ପ୍ରଦାନ କରିଥିଲେ ? କଏଦୀମାନେ ସ୍ୱୟଂ କହୁନ୍ତି ଯେ, ଆଁହଜରତ ସ.ଅଙ୍କ ମାର୍ଗଦର୍ଶନ ଅନୁଯାୟୀ କଏଦୀମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯାଉଥିଲା । ସୁତରାଂ ସାହାବାମାନେ ନିଜର ଆହାର ଆମମାନଙ୍କୁ (କଏଦୀମାନଙ୍କୁ) ଦେଉଥିଲେ। ପୁନଶ୍ଚ ଆମେମାନେ ଏହା ମଧ୍ୟ ଅବଲୋକନ କରିଛୁ ଯେ, ଯେତେବେଳେ ସେହି କଏଦୀମାନଙ୍କୁ କାରାମୁକ୍ତ କରିବାର ପ୍ରସଙ୍ଗ ଯେତେବେଳେ ଆସିଲା ସେତେବେଳେ ଅତ୍ୟନ୍ତ ସହଜ ସର୍ତ୍ତ ରଖି ସେମାନଙ୍କୁ କାରାମୁକ୍ତ କରିଦିଆଗଲା । କେତେକ କଏଦୀମାନଙ୍କ ଫିଦିୟା କେବଳ ଏତିକି ଥିଲା ଯେ, ଆପଣ ସ.ଅ ସେହି କଏଦୀମନାଙ୍କୁ କହୁଥିଲେ ଯେ, ଯେଉଁମାନଙ୍କୁ ଲେଖାପଢ଼ା ଆସେ ସେମାନେ ମୁସଲମାନମାନଙ୍କୁ ଲେଖାପଢ଼ା ଶିଖାଇ ଦିଅନ୍ତୁ ।

ଏହି ସମସ୍ତ ପ୍ରସଙ୍ଗ ଏଇଥି ପାଇଁ ଉଦ୍ଦିଷ୍ଟ ଥିଲା ଯେ, କାହା ସହିତ ଆପଣ ସ.ଅଙ୍କ ବ୍ୟକ୍ତିଗତ ଶତ୍ରୁତା ନଥିଲା । ଅର୍ଥାତ୍ ଆପଣ ସ.ଅଙ୍କ ମନରେ ସେମାନଙ୍କ ପ୍ରତି କୌଣସି ବ୍ୟକ୍ତିଗତ ଶତ୍ରୁତାର ଆବେଗ ନଥିଲା । ବରଂ ଯେଉଁମାନେ ଅଲ୍ଲାଃତାଲାଙ୍କ ଧର୍ମକୁ ସମାପ୍ତ କରିଦେବାକୁ ଚାହୁଁଥିଲେ ସେହିମାନଙ୍କ ବିରୁଦ୍ଧରେ ଆପଣ ସ.ଅ ଯୁଦ୍ଧ କରିଥିଲେ ।

କେତେକ ଲୋକମାନେ ନିଜର ବାଧ୍ୟ ବାଧକତା ଯୋଗୁଁ ଶତ୍ରୁ ପକ୍ଷ ସହିତ ଯାଇ ସାମିଲ୍ ହୋଇ ଯାଉଥିଲେ । ଏପରି ଅନେକ ଉଦାହରଣ ରହିଛି ଯେ, ଆଁହଜରତ ସ.ଅ ଏହା ଚାହୁଁ ନଥିଲେ ମୁସଲମାନମାନେ ଯୁଦ୍ଧ କରନ୍ତୁ । କିନ୍ତୁ ଆପଣ ସ.ଅ ବାଧ୍ୟ ଥିଲେ । ସେହି ଶତ୍ରୁ ଏବଂ କଏଦୀମାନଙ୍କୁ ଆପଣ ସ.ଅ ଅନେକ ସୁବିଧା ସୁଯୋଗ ପ୍ରଦାନ କଲେ । ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ଅନେକ କଏଦୀ ମୁସଲମାନ ମଧ୍ୟ ହୋଇଗଲେ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ଯୁଦ୍ଧର ନୀତି ଓ ନିୟମାବଳୀ ନିର୍ଦ୍ଧାରିତ କଲେ । ଚୁକ୍ତି ମଧ୍ୟ ରକ୍ଷା କଲେ ଓ ଏହିସବୁ ପ୍ରସଙ୍ଗ ଉପରେ ଆପଣ ସ.ଅ ଅନେକାଂଶରେ କାର୍ଯ୍ୟାନୁସରଣ ମଧ୍ୟ କଲେ । ଆଜି କାଲିକା ସାଂସାରିକ ଶାସକ ପରି ନୁହଁ ଯେ, ନୀତି ନିୟମ ପ୍ରଣୟନ କରି ଦିଅନ୍ତି କିନ୍ତୁ ତାହାକୁ କାର୍ଯ୍ୟକାରୀ କରନ୍ତି ନାହିଁ । ବରଂ ସାଂସାରିକ ରାଷ୍ଟ୍ର ସରକାରଙ୍କ ଦୋ ମୁହାଁ ନୀତି ଅବଲମ୍ବନ କରନ୍ତି ।

ଆପଣ ସ.ଅଙ୍କ ଜୀବନ ତ' ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀର ବ୍ୟବହାରିକ ବ୍ୟାଖ୍ୟା ଥିଲା । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ନ୍ୟାୟ ବିଚାର ପ୍ରଦର୍ଶନ କରିବାର ଯେଉଁ ନୀତି ବର୍ଣ୍ଣନା କରିଛି ସେହି ନୈତିକତା ଆପଣ ସ.ଅ ବର୍ଣ୍ଣନା କରିଛନ୍ତି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏକ ସ୍ଥଳେ କୁହନ୍ତି, يٰۤاَيُّهَا الَّذِيْنَ اٰمَنُوْا كُوْنُوْا قَوّٰمِيْنَ لِلّٰهِ شُهَدَآءَ بِالْقِسْطِ۫ وَلَا يَجْرِمَنَّكُمْ شَنَاٰنُ قَوْمٍ عَلٰۤى اَلَّا تَعْدِلُوْا ؕ اِعْدِلُوْا هُوَ اَقْرَبُ لِلتَّقْوٰى۫ وَاتَّقُوا اللّٰهَ ؕ اِنَّ اللّٰهَ خَبِيْرٌۢ بِمَا تَعْمَلُوْنَ **(ଅଲ୍ ମାଏଦା:9)** ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟସଂଗତ ଭାବରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ଼ ରୁହ ଏବଂ କୌଣସି ସଂପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଠାରୁ ଭିନ୍ନ କରିବାକୁ କଦାପି ଯେପରି ନ ପ୍ରବର୍ତ୍ତାଉ । ତୁମେମାନେ ନ୍ୟାୟ କର । ତାହା ଧର୍ମପରାୟଣତାର ଅଧିକ ସମୀପବର୍ତ୍ତୀ ଏବଂ ଅଲ୍ଲାଃତାଲାଙ୍କୁ ଭୟ କର । କାରଣ ତୁମେମାନ ଯାହା କରୁଅଛ ବାସ୍ତବରେ

ଅଲ୍ଲାଃତାଲା ସେ ବିଷୟରେ ଅବଗତ ଅଟନ୍ତି ।

ସୁତରାଂ ଆପଣ ସ.ଅଙ୍କ ଆଦର୍ଶ ସେହି ଶିକ୍ଷା ପ୍ରକାଶରେ ପ୍ରତ୍ୟେକ ପାର୍ଶ୍ୱ ଉପରେ ଆବେଷ୍ଟିତ ଅଟେ । ଆପଣ ସ.ଅଙ୍କ ଆଦର୍ଶ ସେହି ଶିକ୍ଷାର ସର୍ବୋଚ୍ଚ ସ୍ତର ସ୍ଥାପନକାରୀ ଥିଲା । ଯେପରିକି ମୁଁ କହିଲି କି ଆପଣ ସ.ଅ ଯୁଦ୍ଧରେ ଯେଉଁ ପନ୍ଥା ଅବଲମ୍ବନ କରିଥିଲେ ଏବଂ ଯେଉଁ ଆଦର୍ଶ ତଥା ଉଦାହରଣ ପ୍ରଦର୍ଶନ କରିଥିଲେ ତତ୍‌ସମ୍ବନ୍ଧରେ ବଦର୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧ ସଂପର୍କରେ ମଧ୍ୟ ମୁଁ ବର୍ଣ୍ଣନା କରିବି । ତନ୍ମଧ୍ୟରେ ସରିୟାତ୍ (ଆଁହଜରତ ସମୟରେ ଘଟିଥିବା ଯୁଦ୍ଧ, ଯେଉଁ ଯୁଦ୍ଧରେ ଆପଣ ସ.ଅ ସମ୍ମିଳିତ ହେଉ ନଥିଲେ) ମଧ୍ୟ ଅନ୍ତର୍ଭୁକ୍ତ ହୁଅନ୍ତି । ଅର୍ଥାତ୍ ସେହି ଯୁଦ୍ଧ ଯାହା ଆପଣ ସ.ଅ ନିଜ ଜୀବନ ମଧ୍ୟରେ ଅନ୍ୟ ଲୋକମାନଙ୍କ ନେତୃତ୍ୱରେ ଏବଂ ଅନ୍ୟ ସାହାବାଙ୍କୁ ସେନାପତି କରି ପ୍ରେରଣ କରିଥିଲେ । ସେ ଯାହା ହେଉ ଏହା ହେଉଛି ଦୀର୍ଘ ଇତିହାସ । ତେଣୁ ସମ୍ଭବତଃ ଉକ୍ତ ପ୍ରସଙ୍ଗକୁ ବର୍ଣ୍ଣନା କରିବାକୁ ମୋତେ କିଛି ଖୁତ୍‌ବା ଲାଗିଯାଇ ପାରେ ।

ସୁତରାଂ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ୱହୋଦ୍ ଯୁଦ୍ଧ ପ୍ରସଙ୍ଗରେ ମୁଁ କିଛି ବର୍ଣ୍ଣନା କରିବି । ଯେପରିକି ଘଟଣାମାନଙ୍କରୁ ପ୍ରମାଣିତ ଯେ, ଉକ୍ତ ଯୁଦ୍ଧଟି ମଧ୍ୟ ଶତ୍ରୁର ବ୍ୟକ୍ତିଗତ ପ୍ରତିଶୋଧ ଜନିତ ଶତ୍ରୁତାର ନିଆଁର କାରଣ ଯୋଗୁଁ ଆରମ୍ଭ ହୋଇଥିଲା। ମୁସଲମାନମାନଙ୍କୁ ମଧ୍ୟ ବାଧ୍ୟ ହୋଇ ଉକ୍ତ ଯୁଦ୍ଧ ନିମନ୍ତେ ବାହାରିବାକୁ ପଡ଼ିଥିଲା । ଏହାର ବିସ୍ତୃତ ବିବରଣୀ ସଂପର୍କରେ ଉଲ୍ଲେଖ ରହିଛି ଯେ, ଉକ୍ତ ଯୁଦ୍ଧ ବଦର୍ ଯୁଦ୍ଧର ଏକ ବର୍ଷ ପରେ ଶୱାଲ୍ ମାସ 3 ହିଜ୍ରୀରେ ଶନିବାର ଦିନ ହୋଇଥିଲା। ଇତିହାସବିତ୍ ଓ ଜୀବନୀ ଲେଖାଳୀମାନେ ଉକ୍ତ କଥା ଉପରେ ଏକମତ ଅଟନ୍ତି ଯେ. ୱହୋଦ୍ ଯୁଦ୍ଧ ଶୱାଲ୍ ମାସ 33 ହିଜ୍ରୀରେ ହୋଇଥିଲା । କିନ୍ତୁ ଏକ କଥନରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଉକ୍ତ ଯୁଦ୍ଧ ଶୱାଲ୍ ମାସ 4 ହିଜ୍ରୀରେ ହୋଇଥିଲା। ଉକ୍ତ ବର୍ଣ୍ଣନାଟି କ୍ୱଚିତ୍ ଅଟେ । ଶୱାଲ୍ ତାରିଖ ସଂକ୍ରାନ୍ତରେ ବିଭିନ୍ନ କଥନ ରହିଛି। ଅଧିକାଂଶ ବର୍ଣ୍ଣନାକାରୀ 7 ଏବଂ 15 ଶୱାଲ୍‌ର ଚର୍ଚ୍ଚା କରନ୍ତି । ଇବ୍‌ନେ ଇସ୍‌ହାକ, ଇବ୍‌ନେ ହିଶ୍ଶାମ୍, ଇବ୍‌ନେ ହିଜମ୍, ଇବ୍‌ନେ ଖୈୟାତ୍ ଓ ତବ୍ରୀ ଆଦି ଇତିହାସବିତ୍ ଏବଂ ଜୀବନୀ ଲେଖାଳୀମାନେ କେବଳ 15 ଶୱାଲ୍‌ର କଥନକୁ ଉଦ୍ଧୃତ କରିଛନ୍ତି ବା ଲେଖିଛନ୍ତି ।

ଆଁହଜରତ ସ.ଅ ମଦିନା ମୁନୱରାହରୁ ଅସର୍ ନମାଜ ପରେ ବାହାରିଥିଲେ ଏବଂ ଶନିବାର ଦିନ ସୂର୍ଯ୍ୟୋଦୟ ହେବା ପୂର୍ବରୁ ୱହୋଦ୍ ଯୁଦ୍ଧ ଭୂମିରେ ପହଞ୍ଚିଥିଲେ । ୱହୋଦ୍ ମଦିନାର ପର୍ବତ ମଧ୍ୟରୁ ଅନ୍ୟତମ ପର୍ବତ ଅଟେ । ଏହି ପର୍ବତଟି ମଦିନା ଠାରୁ ପ୍ରାୟ 3 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଅଟେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-6, ପୃ-456, ପ୍ରକାଶକ, ବଜ୍‌ମେ ଇକ୍‌ବାଲ୍ ଲାହୋର୍-2022 ମସିହା) (ସିରତୁଲ୍ ହଲବିୟାହ୍ ଅନୁବାଦକ, ଭାଗ-2ର ଶେଷାର୍ଦ୍ଧ, ପୃ-132, ପ୍ରକାଶକ-ଦାରୁଲ୍ ଇଶାଅତ୍ କରାଚୀ)**

ବର୍ତ୍ତମାନିକ ବା ଅଧୁନା ୱହୋଦ୍ ପର୍ବତ ମସ୍‌ଜିଦେ ନବୱୀ ଠାରୁ ପ୍ରାୟ 4 କି.ମି ବ୍ୟବଧାନରେ ଉତ୍ତର ଦିଗରେ ଅବସ୍ଥିତ ଅଟେ । ଆଜିକାଲି ମଦିନା ମୁନୱରାହର ଜନସଂଖ୍ୟା। ପର୍ବତର ପାଦ ଦେଶ ପର୍ଯ୍ୟନ୍ତ କେବଳ ପହଞ୍ଚି ଯାଇଛି ତାହା ନୁହେଁ ବରଂ ପର୍ବତର ଆଖ ପାଖ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପୀ ଯାଇଛି । ୱହୋଦ୍ ପର୍ବତଟି ହରମ୍ (ପବିତ୍ର ନିଷିଦ୍ଧାଞ୍ଚଳ ଯେଉଁଠି ଯୁଦ୍ଧ ଏବଂ ହତ୍ୟା ଇତ୍ୟାଦି ଗର୍ହିତ ଓ ବର୍ଜିତ ଅଟେ) ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ । ଏହାର ଦୀର୍ଘତା 6 କି.ମି ଅଟେ । ଉକ୍ତ ପର୍ବତର ରଙ୍ଗ ଲୋହିତ ବର୍ଣ୍ଣ ଅଟେ । **(ଏଟ୍‌ଲସ୍ ସିରତୁନ୍ ନବୀ ସ.ଅ, ପୃ-245, ପ୍ରକାଶକ-ଦାରୁସ୍ ସଲାମ, ରିୟାଜ୍) (ଦାଏରାହ୍ ମାଆରିଫ୍, ଭାଗ-2, ପୃ-31, ପଞ୍ଜାବ ବିଶ୍ୱବିଦ୍ୟାଳୟ, ଲାହୋର)**

ସିରତ୍ ଖାତମୁନ୍ ନବୀୟିନ୍‌ରେ ୱହୋଦ୍ ଯୁଦ୍ଧର ଇତିହାସ ସଂପର୍କରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ 15 ଶୱାଲ୍ 3 ହିଜ୍ରୀ 31 ମାର୍ଚ୍ଚ 624 ଖ୍ରୀ.ଅ ଶନିବାର ଦିନ ବୋଲି ବର୍ଣ୍ଣନା କରିଛନ୍ତି । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସେହିବଜାଦା ମିର୍ଜା ବଶୀର୍ ଅହେମଦ୍ ସାହେବ ଏମ୍.ଏ ର.ଅ, ପୃ-487)**

ଉକ୍ତ ଯୁଦ୍ଧର ଅତିରିକ୍ତ ବିବରଣୀ ଏହିପରି ଅଟେ ଯେ, ଉକ୍ତ ଯୁଦ୍ଧର କାରଣ ଏହା ଥିଲା ଯେ, ଯେତେବେଳେ ବଦର୍ ଯୁଦ୍ଧରେ କୁରୈଶ୍‌ମାନଙ୍କୁ ଏକ ଦୃଷ୍ଟାନ୍ତମୂଳକ ପରାଜୟ ବରଣ କରିବାକୁ ପଡ଼ିଲା ସେତେବେଳେ କୁରୈଶ୍‌ମାନଙ୍କର ପ୍ରମୁଖ ଲୋକମାନଙ୍କ ମଧ୍ୟରୁ ଯେପରିକି ଅବ୍‌ଦୁଲ୍ଲାଃ ବିନ୍ ଅବି ବିନ୍ ରବିୟାହ୍, ଇକ୍ରମା ବିନ୍ ଅବୁ ଜହଲ୍, ସଫ୍‌ୱାନ୍ ବିନ୍ ଉମୈୟାହ୍, ଅସ୍‌ୱଦ୍ ବିନ୍ ମୁତଲ୍ଲିବ୍, ଜୁବୈର ବିନ୍ ମୁତ୍‌ଅମ୍, ହାରିସ୍ ବିନ୍ ହିଶ୍ଶାମ୍, ହୁୱୈତବ୍ ବିନ୍ ଅବ୍‌ଦୁଲ୍ ଉଜ୍ଜା ଓ କୁରୈଶ୍‌ର ଅନ୍ୟ କେତେକ ନେତାମାନେ ଅବୁ ସୁଫିୟାନ ପାଖକୁ ଆସିଲେ । ସେମାନଙ୍କର ବାଣିଜ୍ୟିକ ଯାତ୍ରୀସମୂହରେ ଅର୍ଥ ରହିଥିଲା ଯାହାକି ବଦର୍ ଯୁଦ୍ଧର କାରଣ ସାଜିଥିଲା। ଉକ୍ତ ବାଣିଜ୍ୟକ ଅର୍ଥ ମକ୍କାକୁ ଆଣି ପ୍ରଥାନୁଯାୟୀ ଦାରୁନ୍ ନଦ୍‌ୱା ଠାରେ ରଖି ଦିଆଗଲା ଏବଂ ସେମାନଙ୍କର ଧନକୁ ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ଦିଆଗଲା ନାହିଁ। କାରଣ ଅବୁ ସୁଫିୟାନ୍ ଯେତେବେଳେ ଉକ୍ତ ବ୍ୟବସାୟିକ ତଥା ବାଣିଜ୍ୟିକ ଅର୍ଥକୁ ଧରି ଆସିଲା ସେତେବେଳେ ମକ୍କାର ଲୋକମାନେ ବଦର୍ ଯୁଦ୍ଧ ନିମନ୍ତେ ଯାଇଥିଲେ । ବଦର୍ ଯୁଦ୍ଧର କିଛି କାଳ ପରେ ସେହି ଲୋକମାନେ ଆସି ଅବୁ ସୁଫିୟାନ୍‌କୁ କହିଲେ, ମୁହମ୍ମଦ୍ (ସ.ଅ) ଆମର ଅସଂଖ୍ୟ ଲୋକମାନଙ୍କୁ ହତ୍ୟା କରି ଦେଇଛନ୍ତି । ତେଣୁ ଉକ୍ତ ବାଣିଜ୍ୟ ତଥା ବ୍ୟବସାୟ ମାଧ୍ୟମରେ ମୁହମ୍ମଦ୍ ସ.ଅଙ୍କ ସହିତ ଲଢିବା ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ । ସମ୍ଭବତଃ ଆମେମାନେ ନିଜର ନିହତ ହୋଇଥିବା ଲୋକମାନଙ୍କର ପ୍ରତିଶୋଧ ନେବାରେ ସଫଳ ହୋଇଯିବୁ । ପୁନଶ୍ଚ ସେହି ଲୋକମାନେ ଅତିରିକ୍ତ କହିଲେ, ଆମେମାନେ ଆନନ୍ଦ ସହକାରେ ଉକ୍ତ କଥା ଉପରେ ସହମତ ଓ ପ୍ରସ୍ତୁତ ଅଛି ଯେ, ଉକ୍ତ ବାଣିଜ୍ୟିକ ଅର୍ଥର ଲାଭ ଅପେକ୍ଷା ମୁହମ୍ମଦ ସ.ଅଙ୍କ ସହିତ ମୁକାବିଲା କରିବା ନିମନ୍ତେ ଏକ ସୈନ୍ୟବାହିନୀ ପ୍ରସ୍ତୁତ କରାଯାଉ ।

ଏହା ଶୁଣି ଅବୁ ସୁଫିୟାନ କହିଲା, ମୁଁ ଉକ୍ତ ପ୍ରସ୍ତାବକୁ ସ୍ୱୀକାର କରୁଛି ଏବଂ ବନୁ ଅବ୍‌ଦେ ମୁନାଫ୍ ମୋ ସହିତ ଅଛନ୍ତି ଏତଦ୍‌ପରେ କୁରୈଶ୍ ଧନ ମଧ୍ୟରୁ ଲାଭକୁ ପୃଥକ୍ କରି ଯାହାର ହାରାହାରି ମୂଲ୍ୟ 50,000 ଦିନାର ଥିଲା, ଅବୁ ସୁଫିୟାନ୍ ତାହା ପ୍ରକୃତ ମାଲିମାନଙ୍କୁ ଦେଇଦେଲା । ସେହିପରି ଅନ୍ୟ ଏକ କଥନ ରହିଛି ଯେ, ଯେଉଁ ଲାଭ ପୃଥକ୍ କରାଯାଇଥିଲା ତାହା 25,000 ଦିନାର ଥିଲା । **(ସିରତୁଲ୍ ହଲବିୟାହର ଅନୁବାଦକ, ଭାଗ-2ର ଶେଷାର୍ଦ୍ଧ, ପୃ-133-134, ପ୍ରକାଶନ ସ୍ଥାନ-ଦାରୁଲ୍ ଇଶାଅତ୍ କରାଚୀ) (ସିରତ୍ ଇନ୍‌ସାଇକ୍ଲୋପିଡ଼ିୟା, ଭାଗ-6, ପୃ-145, ପ୍ରକାଶନ ସ୍ଥାନ-ଦାରୁସ୍ ସଲାମ୍, ରିୟାଜ୍)**

ସେ ଯାହା ହେଉ ନା କାହିଁକି ଯେଉଁ ଲାଭ ଥିଲା ତାହା ଉକ୍ତ ଯୁଦ୍ଧ ନିମନ୍ତେ ଦିଇ ଦିଆଗଲା । ତତ୍‌ସମ୍ବନ୍ଧରେ ଅଲ୍ଲାଃତାଲା ନିମ୍ନ ଆୟତ୍ ଅବତୀର୍ଣ୍ଣ କଲେ
الَّذِيْنَ كَفَرُوْا يُنْفِقُوْنَ اَمْوَالَهُمْ لِيَصُدُّوْا عَنْ سَبِيْلِ اللّٰهِ فَسَيُنْفِقُوْنَهَا ثُمَّ تَكُوْنُ عَلَيْهِمْ حَسْرَةً ثُمَّ يُغْلَبُوْنَ وَالَّذِيْنَ كَفَرُوْٓا اِلٰى جَهَنَّمَ يُحْشَرُوْنَ **(ଅଲ୍ ଅନ୍‌ଫାଲ୍: 37)**
ଅର୍ଥାତ୍ ଯେଉଁମାନେ ଅବିଶ୍ୱାସ କରିଛନ୍ତି, ବାସ୍ତବରେ ସେମାନେ ଅଲ୍ଲାଃଙ୍କ ପଥରୁ ଲୋକମାନଙ୍କୁ ପ୍ରତିରୋଧ କରିବା ପାଇଁ ନିଜର ଧନ ବ୍ୟୟ କରନ୍ତି । ସତରାଂ ସେମାନେ ଏହିପରି ଭାବରେ ଧନ ବ୍ୟୟ କରିବେ ପରିଶେଷରେ ଏହା ସେମାନଙ୍କ ପାଇଁ ଏକ ଅନୁଶୋଚନା ହେବ ଓ ତତ୍‌ପରେ ସେମାନଙ୍କୁ ଦମନ କରି ହେବ । ସେହିପରି ଯେଉଁମାନେ ଅବିଶ୍ୱାସ କରିଛନ୍ତି ସେମାନେଙ୍କୁ ନରକ ଆଡ଼କୁ ଏକତ୍ରିତ କିରିନିଆଯିବ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-182, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ଉକ୍ତ ଏକ ପ୍ରମୁଖ କାରଣ ବ୍ୟତୀତ ଅନ୍ୟ ପ୍ରସଙ୍ଗ ମଧ୍ୟ ରହିଥିଲା ଯାହାକି ଉକ୍ତ ଯୁଦ୍ଧର କାରଣ ବୋଲି ବିବେଚିତ କରାଯାଇ ପାରିବ । ଯେପରିକି ବିଗତ ଖୁତ୍‌ବାମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ସାରିଛି ଯେ, ବଦର୍ ଯୁଦ୍ଧ ପରେ ମକ୍କାବାସୀଙ୍କ ସିରୀୟା ଯିବା କଷ୍ଟକର ହୋଇ ପଡ଼ିଥିଲା । କାରଣ ମକ୍କା ଓ ସିରୀୟାର ବାଣିଜ୍ୟିକ ତଥା ବ୍ୟବସାୟୀକ ମାର୍ଗ ମଦିନାର ଆଖପାଖ ପ୍ରାନ୍ତ ମଧ୍ୟ ଦେଇ ଅତିବାହିତ ହେଉଥିଲା । ଉକ୍ତ ମାର୍ଗକୁ ମୁସଲମାନମାନଙ୍କ ପକ୍ଷରୁ ବନ୍ଦ କରିଦିଆଯାଇଥିଲା ଓ ଅବଜ୍ଞାକାରୀଙ୍କ ପୂର୍ବ ଅନ୍ୟାୟ ଏବଂ ଅତ୍ୟାଚାର ଯୋଗୁଁ ସେମାନଙ୍କର ସେହି ମାର୍ଗ ଦେଇ ଯାତ୍ରୀସମୂହ ସମେତ ଅତିକ୍ରମ କରିବା ଦୁଃସାଧ୍ୟ ହୋଇପଡ଼ିଥିଲା । ଫଳତଃ କୁରୈଶ୍‌ମାନଙ୍କୁ ନିଜର ଅର୍ଥନୈତିକ ମୃତ୍ୟୁ ଦୃଶ୍ୟମାନ ହେଉଥିଲା ।

ବାଣିଜ୍ୟିକ ମାର୍ଗର ପ୍ରତିରୋଧ ଏବଂ ସରାୟାରେ ପରାୟଜୟ ଏବଂ ବଦର୍ ଯୁଦ୍ଧରେ କୁରୈଶ୍‌ର ଅଧିପତିମାନଙ୍କର ନିହତ ହେବା, 70 ଜଣ ଅବଜ୍ଞାକାରୀମାନଙ୍କର ଗିରଫ ହେବା ଇତ୍ୟାଦି ପ୍ରସଙ୍ଗ ସେମାନଙ୍କର ଖ୍ୟାତି ଓ ସାମିଜିକ ଅବସ୍ଥା ଉପରେ ଏକ କଳଙ୍କ ଥିଲା । ସେହି କଳଙ୍କକୁ ଧୋଇବା ନିମନ୍ତେ ଏଭଂ ନିଜର ସାମାଜିକ ଯଶକୁ ପୁନଃ ସ୍ଥାପିତ କରିବା ନିମନ୍ତେ ସେମାନେ ପ୍ରତିଶୋଧ ନେବାକୁ ଆଗ୍ରହୀ ଥିଲେ । କାରଣ ମକ୍କାର କୁରୈଶ୍‌ମାନଙ୍କର ପତନୋନ୍ମୁଖୀ ରାଜନୈତିକ ଏବଂ ଧାର୍ମିକ ଯଶକୁ ପୁନଃ ସ୍ଥାପିତ କରାଯାଇ ପାରିବ । **(ଦାଏରା ମାଆରିଫରୁ ଉଦ୍ଧୃତ, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-6, ପୃ-434, ପ୍ରକାଶକ- ବଜ୍‌ମେ ଇକ୍‌ବାଲ୍,**


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

**ଲାହୋର୍-2022 ମସିହା)**

ଅନ୍ୟ ପଟରେ ବଦର୍ ଯୁଦ୍ଧ ପରେ ମକ୍କାର କୁରୈଶମାନଙ୍କୁ ଅତିରିକ୍ତ ତିରସ୍କାରର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଯଦ୍ଵାରାକି ଅବୁ ସୁଫିୟାନ୍ ସମେତ ମକ୍କାବାସୀଙ୍କର କ୍ରୋଧ ଆହୁରି ଦ୍ଵିଗୁଣିତ ଓ ବୃଦ୍ଧି ପାଇଥିଲା । ସେମାନେ ମୁସଲମାନମାନଙ୍କ ଠାରୁ ପ୍ରତିଶୋଧ ନେବା ନିମନ୍ତେ ଏକ ନିୟମିତ ଅସ୍ତ୍ର ଯୁଦ୍ଧ କରିବା ନିମନ୍ତେ ପ୍ରତିଜ୍ଞା କରି ନେଇଥିଲେ । ସୁତରାଂ ଜଣେ ଲେଖକ ଓହୋଦ୍ ଯୁଦ୍ଧର କାରଣ ସଂପର୍କରେ ଏହା ବର୍ଣ୍ଣନା କରିଛନ୍ତି ଯେ, କୁରୈଶମାନଙ୍କୁ କେତେକ ଅଭିଯାନରେ ଅସଫଳତା ପ୍ରାପ୍ତ ହୋଇଥିଲା । ସେହି କାରଣରୁ ସେମାନଙ୍କ ମଧ୍ୟରେ ନିରାଶା, ଦୁଃଖ ଓ ପ୍ରତିଶୋଧ ନେବାର ଉତ୍ସାହ କ୍ରମଶଃ ବୃଦ୍ଧି ପାଇଲା । ଅତଏବ୍ ଅବୁ ସୁଫିୟାନ୍ ଯେକି ବଦର୍ ଯୁଦ୍ଧରେ ଅବତୀର୍ଣ୍ଣ ହେବା ପରିବର୍ତ୍ତେ ନିଜର ବାଣିଜ୍ୟିକ ଯାତ୍ରୀସମୂହକୁ ସୁରକ୍ଷିତ ମାର୍ଗ ଦେଇ ମକ୍କକୁ ଆଣିଥିଲା । ସେହି ବାଣିଜ୍ୟିକ ଯାତ୍ରୀସମୂହକୁ ମକ୍କାବାସୀଙ୍କ ଅହରହ ବ୍ୟଙ୍ଗ ବିଦ୍ରୂପର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେ ଅର୍ଥାତ୍ ଅବୁ ସୁଫିୟାନ୍ ମୁସଲମାମାନଙ୍କ ଠାରୁ ପ୍ରତିଶୋଧ ନେବା ନିମନ୍ତେ ଶପଥ କଲା ଏବଂ କୁରୈଶ୍‌ମାନଙ୍କୁ ରାଜି କରାଇଥିଲା ଯେ, ସେ ମଦିନା ଯାଇ ମୁସଲମାନମାନଙ୍କ ସହିତ ଭଲ ଭାବରେ ଯୁଦ୍ଧ କରିବ । ଅବୁ ସୁଫିୟାନ୍ ନିଜର ଶପଥ ତଥା ପ୍ରତିଜ୍ଞାକୁ ପୂରଣ କରିବା ନିମନ୍ତେ 200ଜଣ ସଦସ୍ୟ ବିଶିଷ୍ଟ ସୈନ୍ୟ ବାହିନୀ ପ୍ରସ୍ତୁତ କରି ନେଇଥିଲା । କିନ୍ତୁ ଖୋଲମ୍ ଖୋଲା ଯୁଦ୍ଧ କରିବାର ସଂକଳ୍ପ କରିପାରିଲା ନାହିଁ ଏବଂ ମଦିନାର  ଆଖପାଖରେ କିଛି ବୃକ୍ଷ କାଟି, ବିଲ ବାଡ଼ିକୁ ପୋଡ଼ି ଏବଂ ଦୁଇ ଜଣ ବ୍ୟକ୍ତିଙ୍କୁ ହତ୍ୟା କରି ଫେରାର ହୋଇଗଲା ।

ଉକ୍ତ ଯୁଦ୍ଧକୁ ସୁୱୈକ୍ ଯୁଦ୍ଧ ବୋଲି କୁହାଯାଏ । ଏହାର ବର୍ଣ୍ଣନା ମୁଁ ବିଗତ ଖୁତ୍‌ବାମାନଙ୍କରେ କରି ସାରିଛି । ଅବୁ ସୁଫିୟାନ୍‌ର ଉଦ୍ୟମ ଏହା ଥିଲା କି ମକ୍କାର ଲୋକମାନେ ଭବିଷ୍ୟରେ ଏହି ବ୍ୟଙ୍ଗ ଯେପରି ନକରନ୍ତୁ ଯେ, ବଦର୍ ଭୁମିରେ ତୁମେ ନିଜର ସଂପ୍ରଦାୟର ଲୋକମାନଙ୍କୁ ଛାଡ଼ି ପଳାଇ ଆସିଥିଲ । କିନ୍ତୁ ସେହି ଅସଫଳ ଅଭିଯାନ ପରେ ତ' ଲୋକମାନେ ଅବୁ ସୁଫିୟାନ୍‌ର ପିଲାଳିଆ ବ୍ୟବହାର ଦେଖି ନିୟମିତ ଭର୍ତ୍ସନା କରିବାକୁ ଆରମ୍ଭ କରି ଦେଇଥିଲେ । ଅତଏବ୍ ଅବୁ ସୁଫିୟାନ ବର୍ତ୍ତମାନ ନିଜର ଅହଂଭାବକୁ ସନ୍ତୁଷ୍ଟ କରିବା ସକାଶେ ମୁସଲମାନମାନଙ୍କ ସହିତ ଏକ ମହାଯୁଦ୍ଧ କରିବା ନିମନ୍ତେ ଭରପୁର ଉଦ୍ୟମ କରୁଥିଲା । ଯେପରିକି ବିଗତ ଖୁତ୍‌ବମାନଙ୍କରେ କର୍ଦ୍ଦାହ୍ ଠାରେ ଅବୁ ସୁଫିୟାନ୍‌କୁ ପରାଜୟ ବରଣ କରିବା ସଂକ୍ରାନ୍ତରେ ଚର୍ଚ୍ଚା ହୋଇ ସାରିଛି । ଅବୁ ସୁଫିୟାନ୍‌ର ମଦିନା ବିରୁଦ୍ଧରେ ଅସଂପୂର୍ଣ୍ଣ ଅଭିଯାନ ପରେ କୁରୈଶ୍‌ମାନେ ନିଜର ଏକ ବୃହତ୍ ବାଣିଜ୍ୟିକ ଯାତ୍ରୀସମୂହ ମାର୍ଗ ପରିବର୍ତ୍ତନ କରି ଇରାକ୍ ରାଜପଥ ଦେଇ ସିରୀୟା ଅଭିମୁଖେ ପ୍ରେରଣ କରିଥିଲେ । ଯହିଁରେ ସ୍ଵର୍ଣ୍ଣାଳଂକାର, ରୌପ୍ୟ ଜିନିଷ ପତ୍ର ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ଆସବାବ ପତ୍ର ଯାହାର ହାରାହାରି ମୂଲ୍ୟ ପ୍ରାୟ ଏକ ଲକ୍ଷ ଦିର୍‌ହମ୍ ଥିଲା । ଯେତେବେଳେ ଉକ୍ତ ଯାତ୍ରୀସମୂହ କର୍ଦ୍ଦାହ୍‌ର ଝରଣା ପାଖରେ ଓହ୍ଲାଉଥିଲା ସେତେବେଳେ ହ. ଜୈଦ୍ ବିନ୍ ହାର୍‌ସା ମଦିନାର ସୀମା ମଧ୍ୟରେ କୁରୈଶ୍‌ର ଯାତ୍ରୀସମୂହକୁ ଅଟକାଇ ଦେଇଥିଲେ । ସମସ୍ତ ବାଣିଜ୍ୟିକ ଧନ ସମ୍ପଦ କୁରୈଶ୍‌ମାନଙ୍କ ଠାରୁ ହରଣ କରି ମଦିନା ନେଇ ପହଞ୍ଚିଥିଲେ । ବଦର୍ ଯୁଦ୍ଧରେ ଶୋଚନୀୟ ପରାଜୟ ପରେ କୁରୈଶ୍‌ବାସୀଙ୍କ ନିମନ୍ତେ କର୍ଦ୍ଦାହ୍‌ର ଘଟଣା ସବୁଠୁ ବଡ଼ ପରାଜୟ ଥିଲା । ଅର୍ଥାତ୍ ସେ ସେତେବେଳେ ମଦିନାର ନିକଟବର୍ତ୍ତୀ ହିଁ ଥିଲା ଏବଂ ସେମାନଙ୍କ ପ୍ରତିଶୋଧର ଜ୍ଵାଳା ଦ୍ଵିଗୁଣିତ ହୋଇଯାଇଥିଲା । ଓହୋଦ୍ ଯୁଦ୍ଧର କାରଣ ମଧ୍ୟରୁ ଉକ୍ତ ଘଟଣା ମଧ୍ୟ ଅନ୍ୟତମ ଘଟଣା ଥିଲା । **(ଗଜ୍‌ୱା ଓ ସରାୟା, ଲେଖକ-ଅଲ୍ଲାମା ମୁହମ୍ମଦ୍ ଅଜହର୍, ପୃ-156-157, ପ୍ରକାଶନ ସ୍ଥାନ-ଫରିଦ୍ ପ୍ରିଣ୍ଟିଂ ପ୍ରେସ୍ ସାହିୱାଲ୍)**

ସେ ଯାହା ହେଉ ଅନେକ କାରଣ ରହିଥିଲା ଯଦ୍ଵାରକି ଅବଜ୍ଞାକାରୀମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି କରୁଥିଲେ ଏବଂ ଏଥି ନିମନ୍ତେ କୁରୈଶ୍‌ମାନଙ୍କ ପକ୍ଷରୁ ଆଖାପାଖ ସଂପ୍ରଦାୟମାନଙ୍କୁ ମଧ୍ୟ ସାମିଲ୍ ହେବା ନିମନ୍ତେ ନିମନ୍ତ୍ରଣ ଦିଆଯାଇଥିଲା । ତତ୍‌ସଂକ୍ରାନ୍ତରେ ଏହିପରି ବିସ୍ତୃତ ବିବରଣୀ ମିଳେ ଯେ, ରସୁଲୁଲ୍ଲାଃ ସ.ଅଙ୍କ ସହିତ ନିର୍ଣ୍ଣାୟକ ଯୁଦ୍ଧ ନିମନ୍ତେ ଯେତେବେଳେ ସାଧନ ଏବଂ ଅର୍ଥ ଏକତ୍ରିତ ହୋଇଗଲା ସେତେବେଳେ ପରବର୍ତ୍ତୀ ପର୍ଯ୍ୟାୟର ପ୍ରସ୍ତୁତି ଆରମ୍ଭ ହେଲା । କୁରୈଶ୍‌ମାନେ ଯୁଦ୍ଧ କରିବା ନିମନ୍ତେ ଅଣ୍ଟା ଭିଡ଼ି ନେଇଥିଲେ । କିନ୍ତୁ ସେମାନେ ଆଖପାଖର ବିଭିନ୍ନ ସଂପ୍ରଦାୟକୁ ଉକ୍ତ ଯୁଦ୍ଧରେ ସାମିଲ୍ କରିବା ନିମନ୍ତେ ବିଭିନ୍ନ ପନ୍ଥା ଓ ଆଳ ଅବଲମ୍ବନ କଲେ । କାହା ନିକଟରେ ବ୍ୟକ୍ତିଗତ ରୂପେ ତ' ଆଉ କାହା ଘରେ ପ୍ରତିନିଧିମାନେ ଦଳ ଦଳ ହୋଇ  ଗଲେ । କେଉଁ ସଂପ୍ରଦାୟକୁ ଲୋଭ ପ୍ରଦର୍ଶନ କରାଗଲା ତ' ଆଉ କୌଣସି ସଂପ୍ରଦାୟକୁ ଧାର୍ମିକ ଏବଂ ଆଞ୍ଚଳିକ ସ୍ଵାଭିମାନ ତଥା ଲଜ୍ଜାର ଦ୍ଵାହି ଦେଇ ନିଜ ସାମିଲ୍ କରିନେଲେ । ଉକ୍ତ କାର୍ଯ୍ୟ ନିମନ୍ତେ ଅମ୍ର ବିନ୍ ଆସ୍ ହୁବୈରାହ୍ ବିନ୍ ୱହବ୍, ଅବ୍‌ଦୁଲ୍ଲାଃ ବିନ୍ ଜିବ୍‌ଅରା, ମୁସାଫିହ୍ ବିନ୍ ଅବ୍‌ଦ୍ଦେ ମୁନାଫ୍ ଓ ଅବୁ ଉର୍‌ରାହ୍ ଜମ୍‌ହି ଇତ୍ୟାଦିଙ୍କୁ ପ୍ରେରଣ କରିଦିଆଗଲା। ଅବୁ ଉର୍‌ରାହ୍ ଜୁହ୍‌ମି ସେହି ବ୍ୟକ୍ତି ଥିଲା ଯାହାକୁ ରସୁଲୁଲ୍ଲାଃ ସ.ଅ ବଦର୍ ଯୁଦ୍ଧରେ କଏଦ୍ ହୋଇଥିବା ବନ୍ଦୀମାନଙ୍କ ମଧ୍ୟରୁ କାରାମୁକ୍ତ କରିଦେଇ ଥିଲେ । ସେତେବେଳେ  ସେ ରସୁଲୁଲ୍ଲାଃ ସ.ଅଙ୍କୁ କହିଥିଲେ ଯେ, ହେ ମୁହମ୍ମଦ୍ ! ମୋର ପାଞ୍ଚ ଜଣ କନ୍ୟା ସନ୍ତାନ ଅଛନ୍ତି । ମୋ ବ୍ୟତୀତ ସେହି କନ୍ୟା ସନ୍ତାନମାନଙ୍କର ଆଉ କେହି ସାହାରା ନାହିଁ । ମୋତେ କ୍ଷମା କରି ଦିଅନ୍ତୁ । ଆପଣ ସ.ଅ କେବଳ କ୍ଷମା କଲେ ନାହିଁ ବରଂ ତା'କୁ ବିନା କୌଣସି ଫିଦିୟା ନେଇ ମୁକ୍ତ ମଧ୍ୟ କରିଦେଲେ। ଏହା ଆପଣ ସ.ଅଙ୍କର ଉତ୍ତମ ତଥା ସର୍ବୋଚ୍ଚ ଆଦର୍ଶ ଥିଲା । ସେତେବେଳେ ଅବୁ ଉର୍‌ରାହ୍ ଜୁହ୍‌ମି ଯେଉଁ ଚୁକ୍ତି ଏବଂ ସର୍ତ୍ତ କରିଥିଲା ଯେ, ମୁଁ ଆସନ୍ତା ବର୍ଷ ନା ଆପଣ ସ.ଅଙ୍କ ବିରୁଦ୍ଧରେ ଲଢିବି ଓ ଆପଣ ସ.ଅଙ୍କ ବିରୁଦ୍ଧରେ କହାରିକୁ ସାହାଯ୍ୟ ମଧ୍ୟ କରିବି ନାହିଁ । କିନ୍ତୁ ବଦର୍ ଯୁଦ୍ଧ ଅବସରରେ ସଫ୍‌ୱାନ୍ ବିନ୍ ଉମୈୟାହ୍ ପକ୍ଷରୁ ପୁରସ୍କାର ଏବଂ ସମ୍ମାନ ପ୍ରାପ୍ତି ଲୋଭର ବଶବର୍ତ୍ତୀ ହୋଇ ସେ ନିଜର ଉକ୍ତ ଚୁକ୍ତି ଏବଂ ଅଙ୍ଗୀକାରକୁ ଭଙ୍ଗ କରିଦେଲା ବା ପାସୋରି ଦେଲା। ସେ ନିଜର କବିତାବଳୀ ମାଧ୍ୟମରେ ଆରବବାସୀଙ୍କୁ ପ୍ରତିଶୋଧ ନେବା ନିମନ୍ତେ ଉସ୍‌କାଇବାକୁ ଲାଗିଲା । ଏହି କବିଗଣ ଯାଇ ସଂପ୍ରଦାମାନଙ୍କୁ ଉସ୍‌କାଉଥିଲେ । ଅତୀତକୁ ସ୍ମରଣ କରାଇ ସେମାନଙ୍କୁ ଉସ୍‌କାଉଥିଲେ ଏବଂ ନିଜ ସହିତ ମିଶିବା ନିମନ୍ତେ ନିମନ୍ତ୍ରଣ ମଧ୍ୟ ଦେଉଥିଲେ। କିନାନା ସଂପ୍ରଦାୟ, ତାହାମହା ବାସୀ ଓ ଅନ୍ୟ ସଂପ୍ରଦାୟ ମଧ୍ୟରୁ ଅସଂଖ୍ୟ ଲୋକମାନେ କୁରୈଶ୍‌ମାନଙ୍କ ହଁରେ ହଁ ମିଶାଇ ମଦିନା ଉପରେ ଅକ୍ରମଣ କରିବା ପାଇଁ ପ୍ରତ୍ୟେକ ପାର୍ଶ୍ଵରୁ ପ୍ରତିଶୃତି ସ୍ମରଣ କରାଇଲେ ଏବଂ କେବଳ ପ୍ରତିଶୃତି ସ୍ମରଣ କରାଇଲେ ନାହିଁ ବରଂ ବିଭିନ୍ନ ସଂପ୍ରଦାୟକୁ ସେମାନେ ସାମିଲ୍ ମଧ୍ୟ କଲେ। **(କିତାବୁଲ୍ ମୁଗାଜି, ଭାଗ-1, ପୃ-110-111, ବଦ୍ଦୁଲ୍ କିତାଲ୍, ଆଲମୁଲ୍ କୁତୁବ୍ ବୈରୁତ୍-1984 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ଭାଗ-6, ପୃ-436, ପ୍ରକାଶକ-ବଜ୍‌ମେ ଇକ୍‌ବାଲ୍, ଲାହୋର-2022 ମସିହାରୁ ଉଦ୍ଧୃତ)**

ଅବଜ୍ଞାକାରୀମାନଙ୍କର ଉପରୋକ୍ତ ପ୍ରସ୍ତୁତିରୁ ପ୍ରତିତ ହେଉଛି ଯେ, ସେମାନେ ଯୁଦ୍ଧ କିରବା ନିମନ୍ତେ ଉକ୍ତ ପ୍ରସ୍ତୁତି କରିଥିଲେ । ହ. ଅବବାସ୍ ର.ଅଙ୍କ ପକ୍ଷରୁ ଆଁହଜରତ ସ.ଅଙ୍କୁ ଯେଉଁ ସୂଚନା ପ୍ରାପ୍ତ ହେଲା ତାହାର ବିବରଣୀ ଏହିପରି ଅଟେ। ଆଁହଜରତ ସ.ଅଙ୍କୁ କୁରୈଶ୍‌ମାନଙ୍କର ସେହି ଯୁଦ୍ଧ ପ୍ରସ୍ତୁତି ଏବଂ ଉତ୍ସାହ ତଥା ଉଦ୍ଦୀପନାର ସୂଚନା ଆପଣ ସ.ଅଙ୍କ ଚଚା ହ. ଅବ୍‌ବାସ୍ ର.ଅ ପ୍ରେରଣ କରିଥିଲେ ଯେକି (ଅର୍ଥାତ୍ ହ. ଅବବାସ୍ ର.ଅ) ମକ୍କାରେ ଥିଲେ । ହ. ଅବ୍‌ବାସ୍ ର.ଅ ଆଁହଜରତ ସ.ଅଙ୍କୁ ଉକ୍ତ ସୂଚନା ଏକ ପତ୍ର ମାଧ୍ୟମରେ ଦେଇଥିଲେ । ଉକ୍ତ ସୂଚନା ଆପଣ ବନୁ ଗିଫାର୍‌ର ଜଣେ ବ୍ୟକ୍ତି ହାତରେ ଦେଇ ପ୍ରେରଣ କରିଥିଲେ। ହ. ଅବ୍‌ବାସ୍ ର.ଅ ସେହି ବ୍ୟକ୍ତିକୁ ପତ୍ର ନେଇଯିବା ନିମନ୍ତେ ପାରିଶ୍ରମିକ ଦେବା ନିମନ୍ତେ ମଧ୍ୟ ରାଜି କରାଇଥିଲେ । ଆପଣ ର.ଅ ତା' ସହିତ ଏହି ସର୍ତ୍ତ କରିଥିଲେ ଯେ, ସେ ତିନି ଦିନ ଓ ତିନି ରାତ୍ର ଅହରହ ଯାତ୍ରା କରି ମଦିନାରେ ପହଞ୍ଚି ଆପଣ ସ.ଅଙ୍କୁ ଉକ୍ତ ପତ୍ର ହସ୍ତାନ୍ତର କରିଦେଉ । ସୁତରାଂ ସେହି ସନ୍ଦେଶ ବାହକ ଦିବାରାତ୍ର ଯାତ୍ରା କଲା ଏବଂ ତୃତୀୟ ଦିନରେ ଆଁହଜରତ ସ.ଅଙ୍କ ସେବାରେ ପହଞ୍ଚିଗଲା । ଆପଣ ସ.ଅ ସେତେବେଳେ କୁବା ଠାରେ ଥିଲେ । ଯେତେବେଳେ ସେହି ବ୍ୟକ୍ତି ଉକ୍ତ ପତ୍ରଟିକୁ ଆପଣ ସ.ଅଙ୍କୁ ଦେଲା ସେତେବେଳେ ଆପଣ ସ.ଅ ଏହାର ମୋହରକୁ (ସିଲ୍) ଖୋଲିଲେ ଏବଂ ଏତଦ୍‌ପରେ ଉବୈ ବିନ୍ କାଆବ୍‌ଙ୍କୁ ପତ୍ର ଦେଇ ପତ୍ର ପଢି ଶୁଣାଇବାକୁ କହିଲେ, ଉବୈ ବିନ୍ କାଆବ୍ ପତ୍ର ପଢି ଆପଣ ସ.ଅଙ୍କୁ ଶୁଣାଇଲେ । ଆପଣ ସ.ଅ ଉବୈ ବିନ୍ କାଆବ୍ ର.ଅଙ୍କ ଠାରୁ ଉକ୍ତ ପତ୍ର ଏବଂ ଖବରକୁ ଗୋପନ ରଖିବା ନିମନ୍ତେ କହିଲେ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-296, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)**

ଅନ୍ୟ ସ୍ଥାନରେ ଏହିପରି ଚର୍ଚ୍ଚା ରହିଛି ଯେ, ରସୁଲୁଲ୍ଲାଃ ସ.ଅ ସ୍ଵୟଂ ସାଆଦ୍ ବିନ୍ ରବିଇଙ୍କ ଘରକୁ ଗଲେ  ଏବଂ ତାଙ୍କୁ ହ. ଅବ୍‌ବାସ୍ ର.ଅଙ୍କ ପତ୍ର ସଂକ୍ରାନ୍ତରେ ସୂଚନା ଦେଲେ ଏବଂ କହିଲେ, ମୁଁ ପୁଣ୍ୟ ପ୍ରାପ୍ତିର ଆଶା କରୁଛି । ମୁଁ ଏହି ଆଶା କରୁଛି ଯେ, ତୁମେମାନେ ଉକ୍ତ ସୂଚନାକୁ ଗୋପନ ରଖିବ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ହ. ସାଆଦ୍ ର.ଅଙ୍କ ଘରକୁ ଆସିଥିଲେ । ସେତେବେଳେ ତାଙ୍କର ପତ୍ନି ତାଙ୍କ ନିକଟକୁ ଆସିଲେ ଏବଂ କହିବାରୁ ଲାଗିଲେ ଆଁହଜରତ ସ.ଅ କ'ଣ କହିଛନ୍ତି ?

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମନ୍ଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ଘର ଭିତରୁ ଶୁଣିଥିଲେ ଯାହା କଥା ହୋଇଥିଲେ । ସାଆଦ୍ ର.ଅ କହିଲେ, ଆମେ ଯାହା କଥାବର୍ତ୍ତା କଲୁ ତୁମର କ'ଣ ଗଲା ? ସେ କହିଲା, ମୁଁ ସମସ୍ତ କଥା ଶୁଣି ନେଇଛି ଏବଂ ଯେତେବେଳେ ସେ ଉକ୍ତ ସମସ୍ତ କଥା କହିଦେଲା ସେତେବେଳେ ସାଆଦ୍ କହିଲେ, **ଇନ୍ନାଲିଲ୍ଲାଃ** । ପୁନଶ୍ଚ କହିଲେ, ମୁଁ ଜାଣି ନଥିଲି ଯେ, ତୁମେ ଆମ ଦୁହିଁଙ୍କର କଥା ଶୁଣୁଛ । ସେ ନିଜର ପତ୍ନିକୁ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ନେଇଗଲେ ଏବଂ ତା'ର ସମସ୍ତ ପ୍ରସଙ୍ଗ ଆପଣ ସ.ଅଙ୍କୁ ଶୁଣାଇଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋତେ ଡର ଲାଗୁଛି ଯେ, ଲୋକମାନଙ୍କ ପର୍ଯ୍ୟନ୍ତ ଉକ୍ତ କଥାଟା ଯେପରି ନପହଞ୍ଚୁ ଏବଂ ଆପଣ ସ.ଅ ଏହା ଭାବିବେ ଯେ, ଉକ୍ତ ରହସ୍ୟ ମୁଁ ଉନ୍ମୋଚନ କରିଦେଇଛି । କିନ୍ତୁ ଆପଣ ସ.ଅ ତ' ମୋତେ ରହସ୍ୟ ଗୁପ୍ତ ରଖିବା ନିମନ୍ତେ ଆଦେଶ ଦେଇଥିଲେ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ଠିକ୍ ଅଛି ହଉ ଛାଡ଼ ସେକଥା ଯାହା ହେଲା ହେଲା ଆଉ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-182-183, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ବର୍ତ୍ତମାନ ସେହି ମହିଳାକୁ ସତର୍କ ମଧ କରି ଦିଆଗଲା ଯେ, ସେ ଯେପରି ଅନ୍ୟ ଆଗରେ ଉକ୍ତ ରହସ୍ୟକୁ ଉନ୍ମୋଚନ ନକରୁ । ଏକ ପାର୍ଶ୍ୱରେ ତ' ଆଁହଜରତ ସ.ଅ ଉକ୍ତ ସତର୍କତାମୂଳକ ପନ୍ଥା ଅବଲମ୍ବନ କଲେ । ଅନ୍ୟ ପାର୍ଶ୍ୱରେ ମଦିନାର ଇହୁଦୀମାନେ ଏବଂ ଅବିଶ୍ୱାସକାରୀମାନେ ଏହି ଅପପ୍ରଚାର କରିଦେଲେ ଯେ, ମୁମହମ୍ମଦ ସ.ଅଙ୍କୁ କୌଣସି ଶୁଭ ସୂଚନା ପ୍ରାପ୍ତ ହୋଇ ନାହିଁ । ଏହିପରି ଭାବରେ ସେହି କପଟବିଶ୍ୱାସୀ ଶତ୍ରୁମାନଙ୍କ ଆଭ୍ୟନ୍ତରରେ ଥିବା ଅପବିତ୍ରତାର ପରିପ୍ରକାଶ ଏବଂ ବ୍ୟଙ୍ଗ ବିଦ୍ରୂପ କରିବା ପାଇଁ ଆଉ ଏକ ସୁଯୋଗ ପ୍ରାପ୍ତ ହୋଇଗଲା । ସେମାନେ ଉକ୍ତ ସୂଚନାରେ ଅନ୍ୟ ପ୍ରସଙ୍ଗ ମିଶ୍ରିତ କରି ତାହାକୁ ଭଲ ଭାବରେ ପ୍ରଚାର କଲେ ଏବଂ ଇସ୍‌ଲାମ୍ ଧର୍ମାବଲମ୍ବୀମାନଙ୍କୁ ନିଜ ପକ୍ଷରୁ ଭୟଭୀତ କରିବା ନିମନ୍ତେ ଭରପୁର ଉଦ୍ୟମ କରିଥିଲେ । ସେହିପରି ଉକ୍ତ ସୂଚନା ମଦିନାର ଚତୁର୍ଦ୍ଦିଗରେ ବ୍ୟାପୀଗଲା ଓ ପ୍ରତ୍ୟେକ ବ୍ୟକ୍ତି ସତର୍କ ଏବଂ ସଚେତନ ହୋଇଗଲା । ପ୍ରତ୍ୟେକ ପାର୍ଶ୍ୱରେ ଏହି କୋଳାହଳ ଥିଲା ଯେ, ମକ୍କାର ଅବିଶ୍ୱାସକାରୀମାନେ ପୁନଃ ଯୁଦ୍ଧ କରିବା ନିମନ୍ତେ ଚାଲି ଆସୁଛନ୍ତି । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ଭାଗ-6, ପୃ-443 ପ୍ରକାଶକ-ବଜ୍‌ମେ ଇକ୍‌ବାଲ୍, ଲାହୋର-2022 ମସିହାରୁ ଉଦ୍ଧୃତ)**

ଅଲ୍ଲାମା ବିନ୍ ଅବଦୁଲ୍ ବର୍‌ଙ୍କ କଥନ ରହିଛି ଯେ, ହ. ଅବ୍‌ବାସ୍ ର.ଅ ଅବିଶ୍ୱାସକାରୀଙ୍କ ସଂପର୍କରେ ସୂଚନା ଲେଖି ଆପଣ ସ.ଅଙ୍କ ଆଡ଼କୁ ପ୍ରେରଣ କରୁଥିଲେ । ମକ୍କାର ମୁସଲମାନମାନେ ହ. ଅବ୍‌ବାସ୍ ର.ଅଙ୍କୁ ନିଜର ସାହା ଓ ଶୁଭେଚ୍ଛୁ ବୋଲି ମନେ କରୁଥିଲେ । ଅପରପକ୍ଷେ ଅବ୍‌ବାସ୍ ର.ଅ ଏହା ଚାହୁଁଥିଲେ ଯେ, ମୁ ମଦିନାକୁ ଆଁହଜରତ ସ.ଅ.ଙ୍କ ନିକଟକୁ ଚାଲିଯିବ । କିନ୍ତୁ ଆଁହଜରତ ସ.ଅ ତାଙ୍କୁ ପତ୍ର ଲେଖିଲେ ଯେ, ଆପଣ ର.ଅଙ୍କ ମକ୍କାରେ ରହିବା ଅଧିକ ଉତ୍ତମ ଏବଂ ଶ୍ରେୟସ୍କର ହେବ । ହ. ଅବ୍‌ବାସ୍ ର.ଅଙ୍କ ପ୍ରେରିତ ସମାଚାର ଅତ୍ୟନ୍ତ ବିସ୍ତୃତମୂଳକ ଥିଲା । ଏକ ପତ୍ରରେ ସେ ଉଲ୍ଲେଖ କରନ୍ତି ଯେ, କୁରୈଶ୍‌ମାନଙ୍କର ସୈନ୍ୟବାହିନୀ ଆପଣ ସ.ଅଙ୍କ ଅଭିମୁଖେ ପ୍ରସ୍ଥାନ କରିସାରିଛି । ସେମାନଙ୍କ ପହଞ୍ଚିବା ପର୍ଯ୍ୟନ୍ତ ସେମାନଙ୍କ ସହିତ ମୁକାବିଲା କରିବା ନିମନ୍ତେ ଯଥାସମ୍ଭବ ପ୍ରସ୍ତୁତି କରି ନିଅନ୍ତୁ । ଏହି ସୈନ୍ୟବାହିନୀ ମୋଟ୍ ତିନି ହଜାର୍ ବିଶିଷ୍ଟ ଅଟେ । ଉକ୍ତ ସୈନ୍ୟ ବାହିନୀ ସମ୍ମୁଖରେ 200 ଅଶ୍ୱାରୋହୀ ଅଛନ୍ତି । ତନ୍ମଧ୍ୟରେ 700ରୁ ଉର୍ଦ୍ଧ୍ୱ ଲୌହ କବଚ ଧାରୀ ଅଟନ୍ତି ଏବଂ ତିନି ହଜାର ଓଟ ରହିଛନ୍ତି ଓ ସେମାନେ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ସାଙ୍ଗରେ ଆଣୁଛନ୍ତି । **(ଅସ୍ ସିରତୁନ୍ ନବ୍‌ୱିୟତା, ଲେଖକ-ମୁହମ୍ମଦ୍ ସଲାବୀ, ଅନୁବାଦକ, ଭାଗ-2, ପୃ-561 ପ୍ରକାଶନ ସ୍ଥାନ-ଦାରୁସ୍ ସଲାମ୍)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ଅବ୍‌ବାସ୍ ର.ଅଙ୍କ ସୂଚନାର ଚର୍ଚ୍ଚା କରି ଏହିପରି ଉଲ୍ଲେଖ କରନ୍ତି ଯେ, "ଯେଉଁ ବ୍ୟବସାୟୀକ ବା ବାଣିଜ୍ୟିକ ଯାତ୍ରୀ ସମୂହର ଚର୍ଚ୍ଚା ବଦର୍ ଯୁଦ୍ଧର ପରିସ୍ଥିତରେ ଅତିକ୍ରାନ୍ତ ହୋଇ ସାରିଛି ତା'ର ଲାଭାଂଶ ଟଙ୍କା ଯାହାର ପରିମାଣ 50,000/- ଦିନାର ଥିଲା । ମକ୍କାର ଅଧିପତିମାନଙ୍କ ନିଷ୍ପତ୍ତି କ୍ରମେ ଏପର୍ଯ୍ୟନ୍ତ ଦାରୁନ୍ ନଦୱାହ୍ ଠାରେ ମୁସଲମାନମାନଙ୍କ ବିରୁଦ୍ଧରେ ଆକ୍ରମଣ କରିବାର ପ୍ରସ୍ତୁତି ସକାଶେ ସୁରକ୍ଷିତ ରହିଥିଲା । ବର୍ତ୍ତମାନ ସେହି ଟଙ୍କାକୁ କାଢି ନିଆଗଲା ଏବଂ ଶୀଘ୍ର ଶୀଘ୍ର ଯୁଦ୍ଧ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଗଲା । ମୁସଲମାନମାନଙ୍କୁ ଉକ୍ତ ପ୍ରସ୍ତୁତି ସଂପର୍କରେ ମଧ କିଛି ଜ୍ଞାତ ନଥିଲା । ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ମୁସଲମାନମାନଙ୍କର ଦୁଆର ସମ୍ମୁଖରେ ପହଞ୍ଚି ଯାଆଇଥାଆନ୍ତା । କିନ୍ତୁ ଆଁହଜରତ ସ.ଅଙ୍କ ଚୈତନ୍ୟାବସ୍ଥା ବା ଜାଗ୍ରତାବସ୍ଥା ସମସ୍ତ ଜରୁରୀ ସତର୍କତା ଅବଲମ୍ବନ କରି ରଖିଥିଲେ । ଅର୍ଥାତ୍ ଆପଣ ସ.ଅ ନିଜର ଚଚା ଅବ୍‌ବାସ୍ ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ର.ଅଙ୍କୁ ଯିଏ ଦଳରେ ସାଙ୍ଗରେ ସାମିଲ୍ ଥିଲେ, ମକ୍କାରେ ରହିବା ନିମନ୍ତେ ତାଗିଦ୍ କରୁଥିଲେ । ସେ କୁରୈଶ୍‌ର ପ୍ରତ୍ୟେକ ଗତିବିଧି ଉପରେ ନଜର ରଖି ଆପଣ ସ.ଅଙ୍କୁ ସୂଚନା ପ୍ରଦାନ କରିଥିଲେ। ସୁତରାଂ ଇବ୍‌ନେ ଅବ୍‌ବାସ୍ ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ର.ଅ ଇତ୍ୟବସରରେ ମଧ ବନୁ ଗିଫାର୍ ସଂପ୍ରଦାୟର ଜଣେ ଦ୍ରୁତଗାମୀ ଅଶ୍ୱାରୋହୀକୁ ପୁରସ୍କାର ଦେବାର ପ୍ରତିଶ୍ରୁତି କରି ମଦିନା ଅଭିମୁଖେ ପ୍ରେରଣ କଲେ । ହ. ଅବ୍‌ବାସ୍ ର.ଅ ଉକ୍ତ ଗୁପ୍ତଚରକୁ ବିଶେଷ ରୂପେ ତାଗିଦ୍ କଲେ ଯେ, ସେ ଆଁହଜରତ ସ.ଅଙ୍କୁ ଉକ୍ତ ପତ୍ରକୁ 3 ଦିନ ମଧରେ ପହଞ୍ଚାଇ ଦେଉ । ସେହି ଗୁପ୍ତଚର ଜଣକ ପତ୍ର ମାଧ୍ୟମରେ ଆଁହଜରତ ସ.ଅଙ୍କୁ ଅବ୍‌ବାସ୍ ର.ଅଙ୍କ ଉକ୍ତ ଯୋଜନା ସଂପର୍କରେ ସୂଚନା ପ୍ରଦାନ କଲା । ଯେତେବେଳେ ଏହି ସନ୍ଦେଶବାହକ ଗୁପ୍ତଚର ମଦିନାରେ ପହଞ୍ଚିଲା ସେତେବେଳେ ଦୈବାତ୍ ଆଁହଜରତ ସ.ଅ ମଦିନାର ନିକଟବର୍ତ୍ତୀ ସ୍ଥାନକୁ ଗମନ କରିଥିଲେ। ସୁତରାଂ ଉକ୍ତ ସନ୍ଦେଶ ବାହକ ଆପଣ ସ.ଅଙ୍କ ପଛରେ ସେଇ କୁବା ଠାରେ ପହଞ୍ଚିଲା ଏବଂ ଆପଣ ସ.ଅଙ୍କ ସମ୍ମୁଖରେ ବନ୍ଦ୍ ପତ୍ର ଉପସ୍ଥାପିତ କରିଦେଲା । ଆପଣ ସ.ଅ ତୁରନ୍ତ ନିଜର ବିଶିଷ୍ଟ ଅଭିଲେଖକ ଉବୈ ବିନ୍ କାଆବ୍ ଅନ୍‌ସାରୀ ର.ଅଙ୍କୁ ଉକ୍ତ ପତ୍ର ଦେଲେ ଏବଂ କହିଲେ, ହେ ଉବୈ ବିନ୍ କାଆବ୍ ! ଉକ୍ତ ପତ୍ରକୁ ତୁମେ ପାଠ କରି ଟିକେ ଶୁଣାଅ ତ' । ଉକ୍ତ ପତ୍ରରେ କ'ଣ ସବୁ ଉଲ୍ଲେଖ ରହିଛି ? ଉବୈ ଯେତେବେଳ ପତ୍ର ପାଠ କରି ଶୁଣାଇଲେ ସେତେବେଳେ ତହିଁରେ ଭୟଙ୍କର ସୂଚନା ଲିଖିତ ହୋଇଥିଲା । ଅର୍ଥାତ୍ ଏହା ଉଲ୍ଲିଖିତ ଥିଲା ଯେ, କୁରୈଶ୍‌ର ଏକ ବିଶାଳ ସୈନ୍ୟବାହିନୀ ମକ୍କାରୁ ମାଡ଼ି ଆସୁଛି । ଆଁହଜରତ ସ.ଅ ପତ୍ର ଶୁଣି ଉବୈ ବିନ୍ କାଆବ୍‌କୁ ତାଗିଦ୍ କଲେ ଯେ, ଉକ୍ତ ପତ୍ରରେ ଉଲ୍ଲିଖିତ ବିଷୟ ବସ୍ତୁ ସଂପର୍କରେ ତୁମେ କାହାରିକୁ ଅବଗତ କରିବ ନାହିଁ । କେହି ଯେପରି ଉକ୍ତ ଖବର୍ ସଂକ୍ରାନ୍ତର ନଜାଣନ୍ତୁ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-482-483)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ଉକ୍ତ ସୈନ୍ୟବାହିନୀ ମକ୍କାରୁ ବାହାରିଲା ଏବଂ ଏହାର ବିସ୍ତୃତ ବିବରଣୀ ସଂକ୍ରାନ୍ତରେ ଅତିରିକ୍ତ ଉଲ୍ଲେଖ ରହିଛି ଯେ, କୁରୈଶ୍‌ର ସୈନ୍ୟବାହିନୀ ଶୱାଲ୍ ମାସ 5 ତାରିଖରେ ମକ୍କାରୁ ବାହାରିଥିଲା।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-183, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଉକ୍ତ ଯୁଦ୍ଧରେ କୁରୈଶ୍ ସୈନ୍ୟବାହିନୀର ନେତୃତ୍ୱ ଅବୁ ସୁଫିୟାନ୍ ହସ୍ତରେ ଥିଲା। ମୁସଲମାନ ଅଶ୍ୱାରୋହୀଙ୍କ ତତ୍ତ୍ୱାବଧାରକ ହ. ଖାଲିଦ୍ ବିନ୍ ୱଲିଦ୍ ଥିଲେ ଏବଂ ଧ୍ୱଜବାହକ ଅବ୍‌ଦୁଦ୍ ଦାର୍ ଥିଲେ । ସେହିପରି ବର୍ଚ୍ଛାଧାରୀ, ଲୌହ କବଚ ପରିଧାନ କରି, ଢାଲ ସାଞ୍ଜୁ ଧରି, ତୀର କମାଣ ବା ଧନୁ ସାଙ୍ଗର ଧରି ନିଜର ଛାତିରେ ପ୍ରତିଶୋଧର ଉତ୍ସାହକୁ ଭର୍ତ୍ତି କରି ତିନି ହଜାର ସଂଖ୍ୟକ ଯୋଦ୍ଧା ଆଁହଜରତ ସ.ଅଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ମକ୍କାରୁ ମଦିନା ଅଭିମୁଖେ ବାହାରି ପଡ଼ିଲେ ।

ତନ୍ମଧ୍ୟରେ 2900 କୁରୈଶ୍ ଓ ସେମାନଙ୍କର ଅଧିପତି ତଥା ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଅପରପକ୍ଷେ 100 ଜଣ ସୈନ୍ୟ କିନାନା ସଂପ୍ରାଦୟ ମଧ୍ୟରୁ ଥିଲେ । ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଯେ, 700 ସୁରକ୍ଷା ଲୌହ କବଚ ପରିଧାନକାରୀ, 200 ଅଶ୍ୱାରୋହୀ, 3000 ଓଟ ସାଙ୍ଗରେ ନେଇଥିଲେ । ମାର୍ଗରେ ଆହାର ନିମନ୍ତେ ଜେବହ୍ ହେବାକୁ ଥିବା ଓଟମାନେ ମଧ ରହିଥିଲେ । ବାଦ୍ୟ ବଜାଇବା ପାଇଁ ଢୋଲ ଏବଂ ସୁରା ପାନ (ପିଇବା) କରିବା ନିମନ୍ତେ ବିଶେଷ ପ୍ରକାର ମଦ୍ୟ ପାନୀୟ ମଧ ସାଙ୍ଗରେ ଆଣିଥିଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ଭାଗ-6, ପୃ-441 ପ୍ରକାଶକ- ବଜ୍‌ମେ ଇକ୍‌ବାଲ୍, ଲାହୋର-2022 ମସିହାରୁ ଉଦ୍ଧୃତ) (ୱହୋଦ୍ ଯୁଦ୍ଧ, ଲେଖକ- ମୁହମ୍ମଦ୍ ଅହେମଦ ବାଶ୍‌ମିଲ୍, ପୃ-75)**

ପୁନଶ୍ଚ ଏକ ଜୀବନୀ ପୁସ୍ତକରେ ଉଲ୍ଲେଖ ରହିଛି ଯେ, କୁରୈଶ୍ ଅବ୍‌ବାସ୍ ର.ଅଙ୍କୁ ନିଜ ସାଙ୍ଗରେ ନେଇଯିବା ନିମନ୍ତେ ଉଦ୍ୟମ କଲେ । କିନ୍ତୁ ହ. ଅବ୍‌ବାସ୍ ର.ଅ କ୍ଷମା ମାର୍ଜନା କରିଦେଲେ ଏବଂ କୁରୈଶ୍‌ର ଉକ୍ତ ବେପରୱା ଓ ଅବହେଳାର ଚର୍ଚ୍ଚା କଲେ ଯାହାକି ସେମାନେ ଅର୍ଥାତ୍ କୁରୈଶମାନେ ବଦର୍ ଯୁଦ୍ଧ ଅବସରରେ ତାଙ୍କ ସହିତ କରାଯାଇଥିଲା । ଅର୍ଥାତ୍ ବଦର୍ ଯୁଦ୍ଧରେ ସେ ଗିରଫ ହୋଇଥିଲେ ଏବଂ କୌଣସି କୁରୈଶ୍ ତାଙ୍କୁ ମୁକୁଳାଇବା ପାଇଁ ତାଙ୍କୁ ସାହାଯ୍ୟ କଲା ନାହିଁ । **(ସିରତୁଲ୍ ହଲବିୟାହ୍, ଭାଗ-2 , ପୃ-296, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଅନେକ ମହିଳାମାନେ ମଧ ପ୍ରତିଶୋଧର ଉତ୍ସାହ ଦ୍ୱାରା ପରିପୂର୍ଣ୍ଣ ହୋଇ ପୁରୁଷମାନଙ୍କ ସହିତ ଯିବା ନିମନ୍ତେ ଜିଦ୍ ଧରିଲେ । ଫଳତଃ ଜଣେ ବ୍ୟକ୍ତି

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ମଜ୍‌ଲିସେ ମୁଶାୱିରତ୍ (ପରାମର୍ଶ ସଭା)ରେ କହିଲେ, ଆମେମାନେ ଆଜି ମୁଣ୍ଡରେ କଫନ୍ (ଶବାଚ୍ଛନ) ବାନ୍ଧି ବାହାରିଛୁ । ଯଦି ଆମେମାନେ ନିଜର ମୃତକମାନଙ୍କର ପ୍ରତିଶୋଧ ନେଇ ନପାରିଲୁ ତେବେ ଜୀବିତ ଫେରିବୁ ନାହିଁ । ତେଣୁ ମହିଳାମାନଙ୍କୁ ସହିତ ଆମ ସହିତ ନେଇଯିବା ଆମ ପକ୍ଷେ ଲାଭଦାୟକ ସାବ୍ୟସ୍ତ ହେବ । ଏମାନେ ଆମମାନଙ୍କର ଉତ୍ସାହକୁ ବୃଦ୍ଧି କରିବେ ଏବଂ ଆମମାନଙ୍କୁ ବଦର୍ ଯୁଦ୍ଧ ସଂପର୍କର ସ୍ମରଣ କରାଇ ଆଗକୁ ଅଗ୍ରସର କରିବା ନିମନ୍ତେ ଉତ୍ସାହିତ କରିବେ ।

ନୌଫିଲ୍ ବିନ୍ ମୁଆୱିୟା ଦିଇଲି କହିଲେ, ଏହି ମହିଳାମାନେ ଆମମାନଙ୍କର ସମ୍ମାନ ଏବଂ ସତୀତ୍ୱ ଅଟନ୍ତି । ଯିଦି ଆମେମାନେ ପରାଜିତ ହେଲୁ ତେବେ ଏମାନେ ଅସମ୍ମାନିତ ଓ ତିରସ୍କୃତ ହେବେ । ଫଳତଃ ଆମମାନଙ୍କର ସମସ୍ତ ଯଶ ଓ ଖ୍ୟାତି ସବୁ ଧୂଳିସାତ ହୋଇଯିବ । ବିଭିନ୍ନ ମତାମତ ସମ୍ମୁଖକୁ ଆସିଲା । ଅବୁ ସୁଫିୟାନ୍‌ର ପତ୍ନି ହିନ୍ଦ୍ ମଧ୍ୟ ଇତ୍ୟବସରରେ ଉପସ୍ଥିତ ଥିଲା । ଯେତେବେଳେ ଏହି ଦୁଇ ପ୍ରକାରର ମତାମତ ପୁରୁଷମାନଙ୍କ ପକ୍ଷରୁ ଆସିଲା ସେତେବେଳେ ଏହି ମହିଳା ଜଣକ କହିଲା, ହେ ଲୋକମାନେ ! ତୁମେମାନେ ଉକ୍ତ କଥା ଯୋଗୁଁ ଆଦୌ ବିବ୍ରତ ହୁଅ ନାହିଁ ଯେ, ତୁମେମାନେ ଜୀବିତ ଫେରି ଆସି ପାରିବ ନାହିଁ। ତୁମେମାନେ ବଦର୍ ଯୁଦ୍ଧରେ  ସକୁଶଳେ ଫେରି ଆସିଥିଲ ଏହବଂ ତୁମେମାନେ ନିଜର ପତ୍ନୀମାନଙ୍କୁ ଦେଖି ନେଇଥିଲ । ତେଣୁ ତୁମେମାନେ ଆମମାନଙ୍କୁ ଉକ୍ତ ଯୁଦ୍ଧ ସାଙ୍ଗରେ ଯିବାକୁ ବାରଣ କରିପାରିବ ନାହିଁ । ଏହି ଭୁଲ୍ ତୁମେମାନେ ବଦର୍ ଯୁଦ୍ଧରେ କରିଥିଲ । ଅର୍ଥାତ୍ ତୁମେମାନେ ବଦର୍ ଯୁଦ୍ଧ ଅବସରରେ ମହିଳାମାନଙ୍କୁ ଫେରିଯିବା ପାଇଁ କହିଥିଲ । ଯଦି ଏହି ମହିଳାମାନେ ବଦର୍ ଯୁଦ୍ଧ ସମୟରେ ତୁମ ସହିତ ଉପସ୍ଥିତ ଥାଆନ୍ତେ ତେବେ ତୁମେମାନଙ୍କୁ ଉତ୍ସାହିତ କରି ଆଗକୁ ଅଗ୍ରସର କରାଇ ଥାଆନ୍ତେ । ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ବଦର୍ ଯୁଦ୍ଧରେ ଆମମାନଙ୍କର ପ୍ରିୟଜନମାନେ ଶତ୍ରୁ ହସ୍ତରୁ ମୃତ୍ୟୁ ବରଣ କରିଥିଲେ । **(ହୟାତ୍ ମୁହମ୍ମଦ୍ ସ.ଅ, ଲେଖକ-ହୁସୈନ୍ ହୈକଲ୍, ପୃ-379, ମକତବା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ କୁରୈଶ୍ ଅଧିପତିମାନେ ହିନ୍ଦ୍ ବିନ୍‌ତ୍‌ର କଥା ସହିତ ଏକମତ ହେଲେ ଏବଂ ସେମାନେ ମହିଳାମାନଙ୍କୁ ସାଙ୍ଗରେ ନେଇଯିବା ପାଇଁ ରାଜି ହୋଇଗଲେ । ସୈନ୍ୟବାହିନୀ ସହିତ ଯିବାକୁ ଥିବା ମହିଳାମାନଙ୍କର ସଂଖ୍ୟା 15 ବୋଲି ବର୍ଣ୍ଣନା କରାଯାଇଛି ।

**(ୱହୋଦ୍ ଯୁଦ୍ଧ, ଲେଖକ- ମୁହମ୍ମଦ୍ ଅହେମଦ ବାଶ୍‌ମିଲ୍, ପୃ-76)**

ସେହି ମହିଳାମାନଙ୍କ ମଧ୍ୟରେ ଅବୁ ସୁଫିୟାନର ପତ୍ନି ହିନ୍ଦ୍ ବିନ୍‌ତ୍ ଉତ୍‌ବାକୁ ସାମିଲ୍ କରାଯାଇଥିଲା । ସେହିପରି ଇକ୍ରମା ବିନ୍ ଅବି ଜହଲ୍ ନିଜର ପତ୍ନି ଉମ୍ମେ ହକିମ୍ ବିନ୍‌ତ୍ ହାରିସ୍ ବିନ୍ ହିଶ୍ଶାମ୍‌କୁ ସାଙ୍ଗରେ ନେଲା । ହାରିସ୍ ବିନ୍ ହିଶ୍ଶାମ୍ ନିଜର ପତ୍ନୀ ଫାତିମା ବିନ୍‌ତ୍ ୱଲିଦ୍‌କୁ ସାଙ୍ଗରେ ନେଲା । ସଫ୍‌ୱାନ୍ ବିନ୍ ଉମୈୟାହ୍ ନିଜର ପତ୍ନୀ ଜୱାହ୍ ବିନ୍‌ତ୍ ମସ୍‌ଉଦ୍ ର.ଅଙ୍କୁ ସାଙ୍ଗରେ ନେଲା ଯିଏ ଅବ୍‌ଦୁଲ୍ଲାଃ ବିନ୍ ସଫ୍‌ୱାନ୍‌ର ମାତା ଥିଲା । ଇବ୍‌ନେ ଇସ୍‌ହାକ୍ କୁହନ୍ତି ଯେ, ଅମ୍ର ବିନ୍ ଆସ୍ ନିଜର ପତ୍ନୀ ରୈତା ବିନ୍‌ତ୍ ମୁନବ୍‌ବାହ ସହିତ ବାହିରିଲା ଓ ତଲ୍‌ହା ବିନ୍ ଅବି ତଲ୍‌ହା ନିଜର ପତ୍ନି ସୁଲାଫ୍ ବିନତ୍ ସାଆଦ୍‌କୁ ସାଙ୍ଗରେ ନେଲା । ଏହି ମହିଳା ଜଣକ ତଲ୍‌ହାଙ୍କ ପୁତ୍ର ମୁସାଫି, ଜୁଲ୍ଲାସ ଓ କିଲାବ୍‌ର ମାତା ଥିଲା ଏବଂ ଏହି ସମସ୍ତ ଲୋକମାନେ ୱହୋଦ୍ ଯୁଦ୍ଧ ଦିନ ନିହତ ବା ମୃତ୍ୟୁବରଣ କରିଥିଲେ । ଖୁନାସ୍ ବିନ୍‌ତ୍ ମାଲିକ୍ ଯେକି ବନୁ ମାଲିକ୍ ସଂପ୍ରଦାୟର ଅନ୍ୟତମ ମହିଳା ଥିଲେ ନିଜର ପୁତ୍ର ଅବୁ ଅଜିଜ୍ ବିନ୍ ଉମୈର୍ ସହିତ ବାହାରିଲେ । ସେ ହ. ମୁସ୍‌ଅବ୍ ବିନ୍ ଉମୈର ର.ଅଙ୍କ ମାତା ଥିଲା । ଉମ୍ରାହ୍ ବିନ୍‌ତ୍ ଅଲ୍‌କମା ଯେକି ହାରିସ୍ ସଂପ୍ରଦାୟ ମଧ୍ୟରୁ ଅନ୍ୟତମ ମହିଳା ଥିଲେ ସେ ମଧ୍ୟ ସୈନ୍ୟବାହିନୀ ସହିତ ସାମିଲ୍ ହେଲେ ।

ଯୁଦ୍ଧ ସମୟରେ ହିନ୍ଦ୍ ବିନ୍‌ତ୍ ଉତ୍‌ବା ଯେତେବେଳେ ୱହ୍‌ଶି ପାଖକୁ ଆସିଲେ ଅବା ୱହ୍‌ଶୀ ତା' ପାଖକୁ ଆସୁଥିଲା ସେତେବେଳେ ହିନ୍ଦ୍ ବିନତ୍ ତା'କୁ କହୁଥିଲା ଯେ, ହେ ଅବୁ ଦସ୍‌ମା (ଅବୁ ଦସ୍‌ମା ୱହ୍‌ଶିର ଗୋତ୍ର ଅଟେ ) ! ତୁମେ  ଏପରି କାର୍ଯ୍ୟ କରିବ ଯଦ୍ଦ୍ୱାରାକି ଆମମାନଙ୍କର ହୃଦୟକୁ ଶାନ୍ତି ମିଳିବ । ୱହ୍‌ଶି ଜଣେ ନିଗ୍ରୋ ଦାସ ଥିଲା । ୱହ୍‌ଶି ପାଖରେ ଏକ ବର୍ଚ୍ଛା ରହିଥିଲା ଯାହାକି ଖୁବ୍ କମ୍ ଅବ୍ୟର୍ଥ ହେଉଥିଲା ଅର୍ଥାତ୍ ତାହା ସଠିକ୍ ଲକ୍ଷ୍ୟ ଭେଦ କରୁଥିଲା । ଅର୍ଥାତ୍ ତା'ର ବର୍ଚ୍ଛା ଯଦି କୌଣସି ବ୍ୟକ୍ତିକୁ ବାଜି ଯାଉଥିଲେ ତେବେ ତାହା ବ୍ୟକ୍ତିକୁ ଜୀବିତ ଛାଡୁ ନଥିଲା । ୱହ୍‌ଶି ଜୁବୈର୍ ବିନ୍ ମୁତ୍‌ଅମର ଦାସ ଥିଲା । ଜୁବୈର୍ ୱହ୍‌ଶିକୁ ଡାକି କହିଲେ, ହେ ୱହ୍‌ଶି! ତୁ ବି ସୈନ୍ୟବାହିନୀ ସହିତ ଚାଲି ଆସ୍ । ତୁ ଯଦି ହମ୍‌ଜାକୁ ଶହୀଦ୍ କରିଦେଲୁ ଅବା ମାରିଦେଲୁ ତେବେ ମୁଁ ତୋତେ ଦାସମୁକ୍ତ କରିଦେବି । କାରଣ ହମ୍‌ଜା ମୋର ଚଚା ତୁଐମା ବିନ୍ ଅଦିର୍ ବଧ କରିଛି । ଉକ୍ତ ସୈନ୍ୟବାହିନୀ ମଦିନାର ବିପରୀତ ଦିଗରେ ୱହୋଦ୍ ପର୍ବତରେ ସବ୍‌ଖା ଉପତ୍ୟକାର ପାର୍ଶ୍ୱରେ ଅବସ୍ଥିତ ଐନୈନ୍ ପର୍ବତ ପାଖରେ ଶିବିର ପକାଇଲା । ସବ୍‌ଖା ମଧ୍ୟ ମଦିନାରେ ଐନୈନ୍ ଓ ଜୁର୍ଫ ପର୍ବତ ନିକଟବର୍ତ୍ତୀ ସ୍ଥାନ ଅଟେ ଏବଂ ଜର୍ଫ ମଦିନା ଠାରୁ ତିନି ମାଇଲ୍ ବ୍ୟବଧାନରେ ଉତ୍ତର ଦିଗରେ ଅବସ୍ଥିତ ଏକ ସ୍ଥାନ ଅଟେ । ଐନୈନ୍ ହେଉଛି ୱହୋଦ୍‌ର ଏକ ପର୍ବତର ନାମ ଅଟେ । ୱହୋଦ୍ ଓ ତା'ର ମଧ୍ୟବର୍ତ୍ତୀ ଭାଗରେ ଏକ ଉପତ୍ୟକା ଅବସ୍ଥିତ ଅଟେ । କନାତ୍ ମଦିନା ଏବଂ ୱହୋଦ୍ ପର୍ବତର ମଧ୍ୟରେ ମଦିନାର ତିନୋଟି ଉପତ୍ୟକା ମଧ୍ୟରୁ ଅନ୍ୟତମ ଉପତ୍ୟକା ଅଟେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-522 ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-239,216,146,87 ଜୱାର୍ ଏକାଡ଼େମୀ, କରାଚୀ)(ସିରତୁଲ୍ ହଲବିୟାହ୍, ଭାଗ-2 , ପୃ-296, ଦାରୁଲ୍ କୁତୁବୁଲ୍  ଇଲ୍‌ମିୟାହ୍,  ବୈରୁତ୍)**

ୱହୋଦ୍ ଉକ୍ତ ଯୁଦ୍ଧର ସ୍ଥାନ ଓ କାଳ ଅଟେ । ଯୁଦ୍ଧର ବିସ୍ତୃତ ବିବରଣୀ ସଂପର୍କରେ ଅତିରିକ୍ତ ଉଲ୍ଲେଖ ରହିଛି ଯେ, ହ. ଅବ୍‌ବାସ୍ ର.ଅ ରସୁଲ୍ କରୀମ୍ ସ.ଅଙ୍କୁ କୁରୈଶ୍‌ର ସୈନ୍ୟ ବାହିନୀ ସଂପର୍କରେ ତଥ୍ୟ ଉପଲବ୍ଧ କଲେ ଏବଂ ଅମ୍ର ବିନ୍ ସାଲିମ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ମକ୍କାର ଅବଜ୍ଞାକାରୀମାନଙ୍କର ପ୍ରସ୍ଥାନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଫଳତଃ ଅବୁ ସୁଫିୟାନ ସ୍ତବ୍ଧ ଏବଂ ହତବମ୍ବ ହୋଇଗଲା । ତା'କୁ ଜ୍ଞାତ ହୋଇଗଲା ଯେ, ଆଁହଜରତ ସ.ଅଙ୍କୁ ଆକ୍ରମଣର ସୂଚନା ମିଳିଯାଇଛି। ଘଟଣାକ୍ରମଟି ଏହିପରି ଯେ, ଅମ୍ର ବିନ୍ ସାଲିମ୍ ନିଜର କେତେକ ସାଥିମାନଙ୍କ ସହିତ ଜି ତୁରା ନାମକ ସ୍ଥାନରୁ କୁରୈଶ୍‌ର ସୈନ୍ୟବାହିନୀ ଠାରୁ ପୃଥକ୍ ହୋଇ ଶୀଘ୍ର ଶୀଘ୍ର ମଦିନା ପହଞ୍ଚିଲା ଏବଂ ଆପଣ ସ.ଅଙ୍କୁ ଅବିଶ୍ୱାସକାରୀଙ୍କର ସୈନ୍ୟ ବାହିନୀ ମୁସଲମାନମାନଙ୍କ ଉପରେ ଆକ୍ରମଣ ସଂପର୍କରେ ସୂଚନା ପ୍ରଦାନ କଲେ। ଅମ୍ର ବିନ୍ ସାଲିମ୍‌ଙ୍କ ଉକ୍ତ ସୈନ୍ୟ ଟୁକୁଡ଼ି ମଦିନାରୁ ପ୍ରତ୍ୟାବର୍ତ୍ତନ ପରେ ଅବ୍‌ୱା ନାମକ ସ୍ଥାନରେ ଅବୁ ସୁଫିୟାନର ସୈନ୍ୟ ବାହିନୀ ଠାରୁ ରାତ୍ର ସମୟରେ ଆଗକୁ ବାହାରି ଗଲା । ଅର୍ଥାତ୍ ଅବୁ ସୁଫିୟାନ୍‌ର ସୈନ୍ୟ ବାହିନୀ ଯାହାକି ଅବ୍‌ୱା ନାମକ ସ୍ଥାନରେ ଥିଲା ସେହି ସୈନ୍ୟବାହିନୀ ଠାରୁ ପୃଥକ୍ ହୋଇ ସେମାନଙ୍କୁ ଅତିକ୍ରମ କରିଗଲା।  ଯେତେବେଳେ ସକାଳ ହେଲା ସେତେବେଳେ ଅବୁ ସୁଫିୟାନ୍ ମକ୍କା ଆଡ଼କୁ ଫେରି ଆସିଲା । ଅବୁ ସୁଫିୟାନ୍‌କୁ ମାର୍ଗରେ ଏହା କୁହାଗଲା କି ଅମ୍ର ବିନ୍ ସାଲିମ୍ ନିଜର ସାଥିମାନଙ୍କ ସହିତ ରାତ୍ର ମସୟରେ ମକ୍କା ଅଭିମୁଖେ ବାହାରି ଯାଇଛି । ଅବୁ ସୁଫିୟାନ୍ ବ୍ୟସ୍ତ ବିବ୍ରତ ହୋଇ କହିଲା, ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ଅମ୍ର ବିନ୍ ସାଲିମ୍ ଅବଶ୍ୟ ମୁହମ୍ମଦ ସ.ଅଙ୍କ ଘରେ ଯାଇ ଆମ ଆଗମନ ସଂପର୍କରେ ତାଙ୍କୁ ଅବଗତ କରି ଆସିଛି । ସେ ଅର୍ଥାତ୍ ଆଁହଜରତ ସ.ଅଙ୍କୁ ଆମ ସଂପର୍କରେ ସମସ୍ତ ତଥ୍ୟ ଯୋଗାଇ  ଦେଇଛି ଏବଂ ମୁହମ୍ମଦ ସ.ଅଙ୍କୁ ଆଗୁଆ ସତର୍କ କରାଇ ଦେଇଛି। ବର୍ତ୍ତମାନ ଆମ ପହଞ୍ଚିବା ପୂର୍ବରୁ ହିଁ ମୁସଲମାନ ସ୍ୱୟଂକୁ ଦୁର୍ଗ ମଧ୍ୟରେ ସୁରକ୍ଷିତ କରିନେଇ ଥବେ । ଏପରି ହେବା ଦ୍ୱାରା ଆମେ ସେମାନଙ୍କର କୌଣସି କ୍ଷତି ଘଟାଇ ପାରିବୁ ନାହିଁ ଓ ନା ହିଁ ଆମେମାନେ ନିଜ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହୋଇପାରିବୁ । ସଫ୍‌ୱାନ୍ ବିନ୍ ଉମୟୈହ୍ ସହସା କହିଲା, ଯଦି ସେମାନେ  ଦୁର୍ଗ ମଧ୍ୟରୁ ବାହାରକୁ ଯୁଦ୍ଧ ଭୂମିରେ ଆମ ସହିତ ମୁକାବିଲା କରିବାକୁ ନ ବାହାରନ୍ତି ତେବେ ତହିଁରେ ବିବ୍ରତ ଓ ଚିନ୍ତିତ ହେବାର କୌଣସି ଆବଶ୍ୟକତା ନାହିଁ । ଆମେମାନେ ୱସ୍ ଓ ଖଜ୍‌ରଜ୍ ସଂପ୍ରଦାୟର ଖଜୁରୀର ଉଦ୍ୟାନକୁ କାଟି ପକାଇବୁ । ଏହାର ପ୍ରତିକାର ସେମାନେ କେବେ ବି କରିପାରିବେ ନାହିଁ । ଫଳତଃ ସେମାନେ ନିଜର ଧନ ଏବଂ ନିଜର ଶସ୍ୟ ହରାଇ ବସିବେ । ସେମାନେ ଯଦି ଦୁର୍ଗ ମଧ୍ୟରୁ ବାହାରକୁ ଯୁଦ୍ଧ କରିବା ନିମନ୍ତେ ବାହାରି ଆସିନ୍ତି ତେବେ ମଧ୍ୟ ଚିନ୍ତିତ ହେବାର କୌଣସି ଆବଶ୍ୟକତା ନାହିଁ । ଆମର ସଂଖ୍ୟା ସେମାନଙ୍କ ଅପେକ୍ଷା ଢେର ଗୁଣା ଅଧିକ ଅଟେ । ଆମମାନଙ୍କ ଅସ୍ତ୍ରଶସ୍ତ୍ର ସହିତ ସେମାନଙ୍କ ଅସ୍ତ୍ରଶସ୍ତ୍ରକୁ ତୁଳନା କରାଯାଇ ପାରିବ ନାହିଁ । ଅର୍ଥାତ୍ ପ୍ରତିକାର ନାହିଁ ଆମ ଅସ୍ତ୍ରର । ସେମାନଙ୍କ ନିକଟରେ ଅଶ୍ୱ ନାହିଁ । କିନ୍ତୁ ଆମମାନଙ୍କ ନିକଟରେ ଅସଂଖ୍ୟ ଅଶ୍ୱ ରହିଛନ୍ତି । ଆମେମାନେ ଯୁଦ୍ଧରେ ସେମାନଙ୍କର ଧନ ହାନୀ ଓ ପ୍ରାଣ ପୀଡ଼ା ପହଞ୍ଚାଇବାର ସାମର୍ଥ୍ୟ ମଧ୍ୟ ନିଜ ମଧ୍ୟରେ ରଖୁଛୁ । ହେଲେ ସେମାନେ ଆମମାନଙ୍କ ସହିତ ଏହିପରି ଆଦୌ ମୁକାବିଲା କରିପାରିବେ ନାହିଁ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ"  ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି'  ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

**ସ.ଅ, ଭାଗ-6, ପୃ-443-444, ପ୍ରକାଶକ-ବଜ୍‌ମେ ଇକ୍‌ବାଲ୍, ଲାହୋର-2022 ମସିହାରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସେହି କୁରୈଶ୍‌ମାନେ ନିଜ ଚିନ୍ତାଧାର ପ୍ରକାଶ ବା ବ୍ୟକ୍ତ କଲେ । କୁରୈଶ୍‌ମାନେ ମଦିନା ଅଭିମୁଖେ ଯାଉଥିବା ସମୟରେ ଯେତବେଳେ ଅବ୍‌ୱା ନାମକ ସ୍ଥାନରେ ଶିବିର ସ୍ଥାପନ କଲେ ସେତେବେଳେ ହିନ୍ଦ୍ ବିନ୍ତ୍ ଉତ୍‌ବା ଅବୁ ସୁଫିୟାନ୍‌କୁ କହିଲା, ହେ ଅବୁ ସୁଫିୟାନ୍! ତୁମେମାନେ ମୁହମ୍ମଦ ସ.ଅଙ୍କ ମାତାଙ୍କ କବର ଖୋଳି ପକାଅ । କାରଣ ମୁହମ୍ମଦ୍ ସ.ଅଙ୍କ ମାତାଙ୍କ କବର ଅବ୍‌ୱା ଠାରେ ଅବସ୍ଥିତ । ସେ (ମୁହମ୍ମଦ ସ.ଅ) ଯଦି ତୁମର କୌଣସି ବ୍ୟକ୍ତିକୁ ବନ୍ଦୀ କରିନିଏ ତେବେ ତୁମେମାନେ ପ୍ରତ୍ୟେକ ବ୍ୟକ୍ତିର ଫିଦିୟା ଦେଇ ମୁହମ୍ମଦର ମାତାଙ୍କ ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ଦେଇ ଦେବ । ବିଚିତ୍ର ସୈତାନୀ ପରାମର୍ଶ ଥିଲା । ଅବୁ ସୁଫିୟାନ୍ ଉକ୍ତ କଥା କୁରୈଶ୍‌କୁ କହିଲା ଏବଂ କହିଲା, ଏହା ଏକ ପରାମର୍ଶ ଅଟେ । ତେବେ ଆପଣମାନଙ୍କର କ'ଣ ମତାମତ ରହିଛି ? କୁରୈଶ୍‌ମାନେ ଉତ୍ତର ଦେଲେ ଯେ, ତୁମେମାନେ ସେହି କବାଟକୁ ଖୋଲ ନାହିଁ (ଅର୍ଥାତ୍ କବର ଖୋଳିବାର ନାଁ ଧର ନାହିଁ) ଅନ୍ୟଥା ବନୁ ବିକର୍ ଆମ ମୃତକମାନଙ୍କର କବଳ ଖୋଳି ପକାଇବେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4 ପୃ-183, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

କୁରୈଶ୍‌ମାନେ ଆବୁ ସୁଫିୟାନ୍‌କୁ କହିଲେ, ଏହି ପ୍ରସ୍ତାବଟି ଅତ୍ୟନ୍ତ ଭୟଙ୍କର ପ୍ରସ୍ତାବ ଅଟେ । ତେଣୁ ଏହାକୁ ସ୍ୱୀକାର କର ନାହିଁ । ସେ ଯାହା ହେଉ ଏହି ଲୋକମାନେ ମାର୍ଗରେ ଯେଉଁଠି ବି ଶିବିର ପକାଇଥିଲେ ସେଠାରେ ଓଟ ଜେବହ୍ କରୁଥିଲେ । ମହିଳାମାନେ କବିତା ପାଠ କରି କୁରୈଶ୍ ସୈନ୍ୟବାହିନୀକୁ ଉଷ୍ମତା ପ୍ରଦାନ କରୁଥିଲେ । ମଦ୍ୟ ଦ୍ୱାରା ଭର୍ତ୍ତି ହୋଇଥିବା ଗିଲାସ୍ ସେହି କବିତା ପାଠ କରୁଥିବା ମହିଳିମାନେ କୁରୈଶ୍‌ର ଅଧିପତି ଏବଂ ସୈନ୍ୟମାନଙ୍କୁ ଦେଉଥିଲେ। ଶୋକଗୀତି ପାଠ କରି ନିଜେ ମଧ ଆର୍ତ୍ତନାଦ କରୁଥିଲେ ଏବଂ ଅନ୍ୟମାନଙ୍କୁ ଭୟଭୀତ କରାଉଥିଲେ ତଥା ପ୍ରତିଶୋଧ ନେବା ନିମନ୍ତେ ସେମାନଙ୍କୁ ଉସ୍‌କାଉଥିଲେ। **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ଭାଗ-6, ପୃ-441, ପ୍ରକାଶକ-ବଜ୍‌ମେ ଇକ୍‌ବାଲ୍, ଲାହୋର-2022 ମସିହାରୁ)**

ଏହିପରି ଭାବରେ ଅବିଶ୍ୱାସାକୀରମାନଙ୍କର ଯାତ୍ରୀସମୂହ ଆଗକୁ ଅଗ୍ରସର ହୋଇ ଚାଲିଲା । ଅନ୍ୟ ପଟରେ ମୁସଲମାନମାନେ ମଧ ବ୍ୟକ୍ତିଗତ ରୂପେ ପ୍ରସ୍ତୁତି କରିବାରେ ଲାଗି ପଡ଼ିଥିଲେ । ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ରସୁଲ୍ କରୀମ୍ ସ.ଅ ଫଜାଲାର ପୁତ୍ର ଅନସ୍ ଓ ମୌନିସ୍‌କୁ ଗୁରୁବାର ଦିନ ଶୱାଲ୍ ମାସର ପ୍ରଥମ ଦଶ ଦିନରେ ଗୁଇନ୍ଦାଗିରି କରିବା ନିମନ୍ତେ ପ୍ରେରଣ କଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-183, ଦାରୁଲ୍ କୁତୁବୁଲ୍ ଇଲମିୟାହ୍,ବୈରୁତ୍)**

ପ୍ରାୟତଃ ଏହି ଅବସରରେ ଆପଣ ସ.ଅ ମୁସଲମାନମାନଙ୍କର ସଂଖ୍ୟା ଏବଂ ଶକ୍ତି ସଂପର୍କରେ ଜାଣିବା ନିମନ୍ତେ ଏହି ଇଙ୍ଗିତ ମଧ କଲେ ଯେ, ମଦିନାର ସମସ୍ତ ମୁସଲମାନମାନଙ୍କର ଜନଗଣନା କରିବାର ପାଇଁ ନିର୍ଦ୍ଦେଶ ଦେଲେ । ସୁତରାଂ ଜନଗଣନା କରାଗଲା । ଜନଗଣନା କରିବାରୁ ଏହା ଜଣା ପଡ଼ିଲା ଯେ, ସେତେବେଳେ ମୋଟ୍ 15000 ମୁସଲମାନମାନେ ଜୀବିତ ଥିଲେ । ସେତେବେଳର ପରିସ୍ଥିତ ଅନୁଯାୟୀ ସେହି ସଂଖ୍ୟାକୁ ଅତ୍ୟନ୍ତ ବିଶାଳ ସଂଖ୍ୟା ବୋଲି ମନେକରାଗଲା। ସୁତରାଂ କେତେକ ସାହାବାମାନେ ତ' ସେତେବେଳେ ଆନନ୍ଦ ତଥା ଉଲ୍ଲାସରେ ଏହା କହିଦେଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମର ଲୋକସଂଖ୍ୟା 1500 ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ତେଣୁ ଡ଼ର କାହାକୁ ଓ ଭୟ କାହାକୁ ଠାକୁର (ଅଲ୍ଲାଃତାଲା) ଚଉ ବାହାକୁ ? କିନ୍ତୁ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ସାହାବି କୁହନ୍ତି ଯେ, ଏହାପରେ ଆମ ଉପରେ ଏପରି ଦୁଃସମୟ ଆସିଲା କି ବେଳେବେଳେ ଆମେମାନଙ୍କୁ ଲୁଚି ଲୁଚି ନମାଜ ପାଠ କରିବାକୁ ପଡୁଥିଲା । ଏକ ଅବସରରେ ଏହା ପୂର୍ବରୁ ମଧ ଆପଣ ସ.ଅ ମୁସଲମାନମାନଙ୍କର ଜନଗଣନା କରାଇଥିଲେ । ସେତେବେଳେ ମୁସଲମାନମାନଙ୍କର ଲୋକ ସଂଖ୍ୟା 600 କିମ୍ବା 700 ମଧରେ ଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏମ୍.ଏ, ପୃ-483)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହେ ହେଉ ଦୁଇ ସାହାବା ଯାହାଙ୍କୁ ଆପଣ ସ.ଅ ଖବର ଆଣିବା ନିମନ୍ତେ ପ୍ରେରଣ କରିଥିଲେ ସମାନେ ଅକିକ୍ ନାମକ ସ୍ଥାନରେ କୁରୈଶ୍‌ଙ୍କ ସହିତ ଯାଇ ମିଶିଗଲେ ଏବଂ ଫେରି ଆସି ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଗଲେ । ସେହି ଦୁଇ ଖବର ସଂଗ୍ରହକାରୀମାନେ ଆପଣ ସ.ଅଙ୍କୁ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ସଂପର୍କରେ ସୂଚନା ପ୍ରଦାନ କଲେ । ଅକିକ୍ ହେଉଛି ଆରବ୍ୟ ଉପଦ୍ୱୀପସ୍ଥ ମଧ୍ୟରୁ ଅନେକ ଉପତ୍ୟକାର ଏକ ପ୍ରମୁଖ ଉପତ୍ୟକା। ଅକିକ୍ ମଦିନାର ଦକ୍ଷିଣ ପଶ୍ଚିମରୁ ଉତ୍ତରପୂର୍ବ ପର୍ଯ୍ୟନ୍ତ ବିସ୍ତୃତ ଉପତ୍ୟକା ଅଟେ। ଉକ୍ତ ଉପତ୍ୟକାରେ ମଦିନା ମୁନୱରାହ୍‌ର ସମସ୍ତ ଉପତ୍ୟକା ଆସି ମିଶିଯାଇ ଥାଆନ୍ତି । **(ଜୀବନୀ ଶବ୍ଦକୋଷ, ପୃ-204 ଜୱାର୍ ଏକାଡ଼ାମୀ କରାଚୀ)**

ସେ ଯାହା ହେଉ ସେହି ଦୁହେଁ ଆସି କହିଲେ ଯେ, ସେହି ଅବିଶ୍ୱାସକାରୀମାନଙ୍କର ସୈନ୍ୟବାହିନୀ ନିଜର ଓଟ ଏବଂ ଅଶ୍ୱମାନଙ୍କୁ ଉରୈଜ୍ ନାମକ ବିଲରେ ଛାଡ଼ି ଥାଆନ୍ତି । ଉରୈଜ୍ ମଦିନା ଠାରୁ 3 ମାଇଲ୍ ଦୂରତାରେ ଅବସ୍ଥିତ ଏକ ମରୁସ୍ଥଳ ଅଟେ । **(ଜୀବନୀ ଇନ୍‌ସାଇକ୍ଲୋପିଡ଼ିୟା, ଭାଗ-6, ପୃ-65-66)**

ସେମାନେ ସେଠାରେ କୌଣସି ହରିତ୍ ଶାଗ ଇତ୍ୟାଦି କୌଣସି ଲତା ଛାଡ଼ିଲେ ସବୁ ଖାଇ ପକାଇଲେ ଓ ନଷ୍ଟ କରିଦେଲେ । ଅବିଶ୍ୱାକାରୀମାନେ ବୁଧବାର ଦିନ କନାତ୍ ଉପତ୍ୟକା ଠାରେ ଅବତରଣ କରିଥିଲେ । ଗୁରୁବାର ଏବଂ ଶୁକ୍ରବାର ଦିନ ସେମାନଙ୍କର ଓଟ ଉପତ୍ୟକାର ଶାକ ସବଜି ଇତ୍ୟାଦି ଖାଉଥିଲେ । ସେହି ଓଟମାନେ କୌଣସି ଶାଗ ବା ତରୁଲତା ଛାଡ଼ିଲେ ନାହିଁ । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ହୁବାବ୍ ବିନ୍ ମୁନ୍‌ଜର୍ ର.ଅଙ୍କୁ ମଧ ସେମାନଙ୍କ ଆଡ଼କୁ ପ୍ରେରଣ କଲେ । ସେ ସେମାନଙ୍କୁ ଦେଖି ଫେରି ଆସିଲେ । ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ସେମାନଙ୍କର ସଂଖ୍ୟା ଏବଂ ଅସ୍ତ୍ରଶସ୍ତ୍ର ଓ ଜିନିଷ ପତ୍ରର ଆକଳନ ଯେତେବେଳେ କଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ହୁବ୍‌ବାବ୍ ! ତୁମେ ସେମାନଙ୍କ ଅବସ୍ଥା ସଂକ୍ରାନ୍ତରେ କାହାରିକୁ କିଛି କହିବ ନାହିଁ । حَسْبُنَا اللّٰهُ وَنِعْمَ الْوَكِيْلُ۔ اَللّٰهُمَّ بِكَ أَجُوْلُ وَبِكَ أَصُوْلُ ଅର୍ଥାତ୍ ଅଲ୍ଲାଃତାଲା ଆମମାନଙ୍କ ପାଇଁ ଯଥେଷ୍ଟ ଅଟନ୍ତି । କାରଣ ସେହିଁ ଉତ୍ତମ କାର୍ଯ୍ୟ ସମ୍ପାଦନକାରୀ ଅଟନ୍ତି । ହେ ଅଲ୍ଲାଃ ! ତୁମ୍ଭ ସହିତ ମୁଁ (ଅର୍ଥାତ୍ କହିବା ମୁତାବକ) ମୁଁ ଶତ୍ରୁର ପରିକ୍ରମା କରୁଛି ଓ ତୁମ ସହିତ (କହିବାନୁଯାୟୀ) ମୁଁ ଶତ୍ରୁ ଉପରେ ଆକ୍ରମଣ କରିଥାଏ । ୱସ୍ ଏବଂ ଖଜ୍‌ରଜ୍ ସଂପ୍ରଦାୟର ଅଧିପତି ହ. ସାଆଦ୍ ବିନ୍ ମୁଆଜ୍ ର.ଅ, ହ. ଉସୈଦ୍ ବିନ୍ ହୁଜୈର୍ ଏବଂ ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ଅବିଶ୍ୱାସକାରୀମାନଙ୍କ ରାତ୍ର ଆକ୍ରମଣର ଆଶଙ୍କା ଯୋଗୁଁ ଶୁକ୍ରବାର ଦିନ ରାତ୍ର ସମୟରେ ଅସ୍ତ୍ରଶସ୍ତ୍ର ଦ୍ୱାରା ସୁସଜ୍ଜିତ ହୋଇ ମସ୍‌ଜିଦ୍‌ରେ ରସୁଲୁଲ୍ଲାଃ ସ.ଅଙ୍କ ଦୁଆର ସମ୍ମୁଖରେ ରାତ୍ର ଯାପନ କଲେ ଏବଂ ମଦିନାରେ ମଧ ସେ ସକାଳ ପର୍ଯ୍ୟନ୍ତ ପ୍ରହରା ଦେଇଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-183-184, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍,ବୈରୁତ୍) (ସିରତୁଲ୍ ହଲବିୟାହ୍, ଭାଗ-2, ପୃ-297, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ୍ କହିଲେ, ମକ୍କାର ଅବିଶ୍ୱାସକାରୀମାନଙ୍କ ସୈନ୍ୟବାହିନୀ ମୁସଲମାନମାନଙ୍କ ବାହାରିବା ପୂର୍ବରୁ କନାତ୍ ଉପତ୍ୟକା ଏବଂ ପଙ୍କ ତଥା ସନ୍ତସନ୍ତିଆ ଲୁଣିଆ ଭୂମି ଉପରେ ଶିବିର ସ୍ଥାପନ କରିଥିଲେ । **(ୱହୋଦ୍ ଯୁଦ୍ଧ, ଲେଖକ- ମୁହମ୍ମଦ ଅହେମଦ ବାଶ୍‌ମିଲ୍, ପୃ-97ରୁ ଉଦ୍ଧୃତ)**

ମଦିନା ମୁନୱରାହ୍‌ର ପୂର୍ବ ଏବଂ ପଶ୍ଚିମ ଦିଗରେ ଖଜୁରୀରର ଘଞ୍ଚ ଉଦ୍ୟାନ ରହିଥିଲା । ସେହି ଉଦ୍ୟାନ ମଧ ଦେଇ ଅତିକ୍ରମ କରି କୌଣସି ଏକ ବସ୍ତି କିମ୍ବା ସାହି ଉପେରେ ଆକ୍ରମଣ କରିବା ସହଜ ନଥିଲା । କାରଣ ଉଦ୍ୟାନମାନଙ୍କରେ ଶତ୍ରୁର କେବଳ ଗୋଟିଏ ଲୋକ ଅତି କଷ୍ଟରେ ଆଗକୁ ଅଗ୍ରସର ହୋଇପାରି ଥାଆନ୍ତା । ସେହି ସ୍ଥିତିରେ ଆକ୍ରମଣକାରୀମାନେ ଅତି ସହଜରେ ମୃତ୍ୟୁ ବରଣ କରିଥାଆନ୍ତେ। କେବଳ ଉତ୍ତର ପଟୁ ଆକ୍ରମଣ ହୋଇପାରି ଥାଆନ୍ତା । ଅତଃ କୁରୈଶ୍‌ମାନେ ଉତ୍ତର ଏବଂ ପଶ୍ଚିମ ଦିଗରେ ନିଜର ଶିବିର ପକାଇଥିଲେ । ପୁନଶ୍ଚ ସଂପୂର୍ଣ୍ଣ ଜନବସତି ଗୋଟିଏ ସ୍ଥାନରେ ନଥିଲା ବରଂ ପାହାଡ଼ ପର୍ବତର ମଧ୍ୟବର୍ତ୍ତୀ ବ୍ୟାପକ ଭୂମିରେ ବିକ୍ଷିପ୍ତ ହୋଇଥିବା ବସ୍ତି କିମ୍ବା ସାହି ଜନବସତି ପୂର୍ଣ୍ଣ ଥିଲା । କେତେକ ସଂପ୍ରଦାୟ ନିଜର ଭୂମି ତଥା ଉଦ୍ୟାନର ଆଖପାଖରେ ଜନବସିତର ବ୍ୟବସ୍ଥା କରି ନେଇଥିଲେ ଏବଂ ଅନେକ ସଂପ୍ରଦାୟ ଦୁଇ ମହଲା ବିଶିଷ୍ଟ ଗର୍ତ୍ତ ନିର୍ମାଣ କରି ନେଇଥିଲେ। ସେମାନେ ବିପଦ ସମୟରେ ପିଲାମାନଙ୍କୁ ଏବଂ ମହିଳାମାନଙ୍କୁ ଉକ୍ତ ଗର୍ତ୍ତ ମଧରେ ଥିବା ଉପର ମହଲାରେ ପହଞ୍ଚାଇ ଦେଉଥିଲେ ଏବଂ ନିଜେ ଯାଇ ନିଶ୍ଚିତ ହୋଇ ଅକ୍ରମଣକାରୀଙ୍କର ସହିତ ମୁକାବିଲା କରୁଥିଲେ । **(ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ- ମୌଲାନା ଅବୁଲ୍ କଲାମ୍ ଆଜାଦ୍, ପୃ-63-64)**

ଆଉ ଜଣେ ଜୀବନୀ ଲେଖାଳୀ ଉଲ୍ଲେଖ କରନ୍ତି ଯେ, ଶତ୍ରୁ ପକ୍ଷର ସୈନ୍ୟବାହିନୀ ମୁସଲମାନମାନଙ୍କର ସୈନ୍ୟବାହିନୀ ମଧରେ ଏବଂ ମଦିନା ମଧ୍ୟବର୍ତ୍ତୀ ସ୍ଥାନରେ ବାସ କରୁଥିବା କପଟବିଶ୍ୱାସୀ, ଇହୁଦୀ ଓ ଯୁଦ୍ଧ କରିବାକୁ ଅକ୍ଷମତା ପ୍ରକାଶ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କରୁଥିବା ମୁସଲମାନ ଏବଂ ମହିଳା ତଥା ପିଲାମାନଙ୍କ ବ୍ୟତୀତ କୌଣସି ବ୍ୟକ୍ତିକୁ ଜୀବିତ ଛାଡ଼ି ନଥିଲେ । ସେମାନେ ପ୍ରତିରୋଧ ଓ ବ୍ୟଘାତ ସୃଷ୍ଟି କରି ସକାଳ କଲେ। **(ୱହୋଦ୍ ଯୁଦ୍ଧ, ଲେଖକ- ମୁହମ୍ମଦ ଅହେମଦ ବାଶମିଲ୍, ପୃ-୨୨ରୁ ଉଦ୍ଧୃତ)**

ଏହାର ବିସ୍ତୃତ ବିବରଣୀ ସଂପ୍ରକରେ ଉଲ୍ଲେଖ କରି ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରନ୍ତି ଯେ, ସମ୍ଭବତଃ 3 ହିଜ୍ରୀର ଶେଷ କିମ୍ବା ଶୱାଲ୍ ମାସର ପ୍ରାରମ୍ଭରେ କୁରୈଶ୍‌ମାନଙ୍କର ସୈନ୍ୟ ବାହିନୀ ମକ୍କାରୁ ବାହାରିଥିଲା । ସୈନ୍ୟବାହିନୀ ମଧ୍ୟରେ ଅନ୍ୟ ଆରବ୍ୟ ସଂପ୍ରଦାୟର ଅନେକ ବୀର ବ୍ୟକ୍ତି ମଧ୍ୟ ସାମିଲ୍ ଥିଲେ । ଅବୁ ସୁଫିୟାନ୍ ସୈନ୍ୟବାହିନୀର ଅଧିପତି ଥିଲା । ସୈନ୍ୟବାହିନୀର ସଂଖ୍ୟା 3000 ଥିଲା ଯହିଁରେ 700 ଲୌହ କବଚଧାରୀ ଅନ୍ତର୍ଭୂକ୍ତ ଥିଲେ । ସବାରୀର ଜିନିଷ ପତ୍ର ମଧ୍ୟ ଅଧିକ ଥିଲା । ଅର୍ଥାତ୍ 200 ଅଶ୍ୱ ଏବଂ 3000 ଓଟ ରହିଥିଲେ । ଯୁଦ୍ଧ ସରଞ୍ଜାମ ମଧ୍ୟ ଯଥେଷ୍ଟ ପରିମାଣର ଥିଲା । ମହିଳାମାନେ ମଧ୍ୟ କୁରୈଶ୍‌ମାନଙ୍କ ସହିତ ଥିଲେ । ଅବୁ ସୁଫିୟାନ୍‌ର ପତ୍ନୀ ହିନ୍ଦ୍ ଓ ଇକ୍ରମାର ବିନ୍ ଅବୁ ଜହଲ୍, ସଫ୍‌ୱାନ୍ ବିନ୍ ଉମୈୟାହ୍, ଖାଲିଦ୍ ବିନ୍ ୱଲିଦ୍ ଓ ଅନ୍ୟାନ୍ୟ ଲୋକମାନଙ୍କର ପତ୍ନିମାନେ ରହିଥିଲେ । ଏହି ମହିଳାମାନେ ଆରବର ପ୍ରାଚୀନ ପ୍ରଥାନୁଯାୟୀ ଗୀତ ଗାଇବାର ବାଦ୍ୟ ମଧ୍ୟ ନିଜ ସାଙ୍ଗରେ ଆଣିଥିଲେ । କାରଣ ଉତ୍ତେଜକପୂର୍ଣ୍ଣ କବିତା ଗାଇ ଏବଂ ଢୋଲ ବଜାଇ ନିଜର ପୁରୁଷମାନଙ୍କୁ ଉତ୍ସାହିତ କରୁଥିଲେ । କୁରୈଶ୍‌ର ଉକ୍ତ ସୈନ୍ୟ ଦଳ ଦଶ କିମ୍ବା ଏଗାର ଦିନ ଯାତ୍ରା କରିବା ପରେ ମଦିନା ପହଞ୍ଚିଲା ଓ ପରିକ୍ରମା କରି ମଦିନାର ଉତ୍ତର ଦିଗ ଅଭିମୁଖେ ୱହୋଦ୍ ପର୍ବତ ନିକଟରେ ଅଟକି ଗଲା । ସେହି ସ୍ଥାନ ନିକଟବର୍ତ୍ତୀ ଉରୈଜ୍‌ର ଶସ୍ୟଶ୍ୟାମଳ ସବୁଜିମା ଭୂମି ରହିଥିଲା ଯେଉଁଠି ମଦିନାର ପଶୁମାନେ ଚରୁଥିଲେ ଏବଂ କିଛି ଜମିରେ କୃଷି ତଥା ଚାଷ ମଧ୍ୟ ହୋଇଥିଲା । କୁରୈଶ୍‌ମାନେ ସର୍ବପ୍ରଥମେ ଉକ୍ତ ଗୋଚର ଭୂମି ଉପରେ ଆକ୍ରମଣ କରି ତହିଁରେ ମନମୁଖୀ କାର୍ଯ୍ୟ କଲେ ଏବଂ ହତ୍ୟା ବିଭୀଷୀକା ଭଳି ଦୌରାତ୍ମ୍ୟ କଲେ । ଯେତେବେଳେ ଆଁହଜରତ ସ.ଅଙ୍କୁ ନିଜର ଗୁପ୍ତଚରମାନଙ୍କ ଠାରୁ ସୈନ୍ୟବାହିନୀ ନିକଟବର୍ତ୍ତୀ ଆସିଯିବାର ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ କହିଲେ, ଯଦି ଶତ୍ରୁ ପକ୍ଷର ଶକ୍ତି ଅଧିକ ହୁଏ ଏବଂ ମୁସଲମାନମାନଙ୍କ ନିମନ୍ତେ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୁଏ ତେବେ ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି । ଯେପରିକି ଆପଣ ସ.ଅ କହିଲେ, ହେ ଗୁପ୍ତଚରମାନେ ଏହିପରି ପରିସ୍ଥିତିରେ ତୁମେମାନେ ମୋତେ ସର୍ବ ସମ୍ମୁଖରେ ଉକ୍ତ ପ୍ରସଙ୍ଗରେ ସୂଚିତ ଏବଂ ଚର୍ଚ୍ଚା କରିବ ନାହିଁ । ବରଂ ଏକାନ୍ତରେ ମୋତେ ଭେଟ କରି ମୋତେ ଅବଗତ କରାଇବ । କାରଣ ମୁସଲମାନମାନଙ୍କ ମଧ୍ୟରେ ନିରୁତ୍ସାହ ଭାବ ଯେପରି ସୃଷ୍ଟି ନହେଉ । ସେ ଯାହା ହେଉ ହୁବ୍‌ବାବ୍ ର.ଅ ଗୁପ୍ତ ମାର୍ଗ ଦେଇ ଗଲେ ଏବଂ ଅତ୍ୟନ୍ତ ସତର୍କତାର ସହିତ କିଛି କ୍ଷଣ ମଧ୍ୟରେ ହିଁ ଫେରି ଆସିଲେ । ସେ ଆପଣ ସ.ଅଙ୍କୁ ସମସ୍ତ ବୃତ୍ତାନ୍ତ କହିଲେ, । ବର୍ତ୍ତମାନ ସୈନ୍ୟବାହିନୀର ଆଗମନର ସୂଚନା ମଦିନାରେ ପ୍ରଚାରିତ ହୋଇଯାଇଥିଲା । କୁରୈଶ୍‌ମାନଙ୍କର ଉରୈଜ୍ ଉପରେ ଯେଉଁ ଆକ୍ରମଣ ହୋଇଥିଲା ତାହା ମଧ୍ୟ ସର୍ବସାଧାରଣରେ ପ୍ରଚାର ହୋଇଯାଇଥିଲା ଯେ, କୁରୈଶର ସୈନ୍ୟବାହିନୀ କିପରି ଉଦ୍ୟାନକୁ ନଷ୍ଟ ବିନଷ୍ଟ କରିଦେଇଛନ୍ତି । ଅର୍ଥାତ୍ ଜନତାଙ୍କୁ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀର ବିସ୍ତୃତ ଅବସ୍ଥା ସଂକ୍ରାନ୍ତରେ ସୂଚନା ପ୍ରଦାନ କରାଗଲା ନାହିଁ । କିନ୍ତୁ ତଥାପି ଉକ୍ତ ରାତ୍ରଟି ମଦିନାରେ ଅତ୍ୟନ୍ତ ଭୟଙ୍କର ଏବଂ ବିପଦପୂର୍ଣ୍ଣ ଅବସ୍ଥାରେ ଅତିବାହିତ ହୋଇଥିଲା । ବିଶିଷ୍ଟ ସାହାବାମାନେ ଅହୋରାତ୍ର ଉଜାଗର ହୋଇ ଆଁହଜରତ ସ.ଅଙ୍କ ଘରର ଆଖ ପାଖରେ କଡ଼ା ପ୍ରହରା ଦେଇଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏମ୍.ଏ, ପୃ-483-484ରୁ ଉଦ୍ଧୃତ)**

ଯେବେଳେ ୱହୋଦ୍ ଯୁଦ୍ଧ ନିମନ୍ତେ ପ୍ରସ୍ତୁତି କରିବା ନିମନ୍ତେ ପରାମର୍ଶ ସଭା ବସିଲା ସେତେବେଳେ ସେହି ସମୟରେ ହୁଜୁର ସ.ଅ କହିଲେ, ରାତ୍ରରେ ମୁଁ ଏକ ସ୍ୱପ୍ନ ଦେଖିଲି ଯେ, ଏକ ଗାଈ ଅଛି ଯାହିକୁ ଜେବହ୍ କରାଯାଉଛି ଏବଂ ମୁଁ ନିଜର ଖଡ଼୍‌ଗ ଅର୍ଥାତ୍ ଜୁଲଫିକାର୍‌ର ଦାଢରେ ଦାନ୍ତ ଲାଗିଯାଇଥିବାର ଅବଲୋକନ କଲି। ସେହିପରି ଆଉ ଅକ ବର୍ଣ୍ଣନାରେ ଉକ୍ତ ଶବ୍ଦର ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ କାଲି ରାତ୍ରରେ ମୁଁ ଏକ ସ୍ୱପ୍ନ ଦେଖିଥିଲି । ଉକ୍ତ ସ୍ୱପ୍ନରେ ମୁଁ ଏହା ଦେଖିଲି ଯେ, ମୋ ଖଡ଼୍‌ଗର ମୁଠା ଭାଙ୍ଗି ଯାଇଛି। ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରିହଛି ଯେ, ହୁଜୁର ସ.ଅ କହିଲେ, ମୋ ଖଡ଼୍‌ଗ ଜୁଲଫିକାର୍‌ର ମୁଠା ପାଖରେ ଫାଟ ସୃଷ୍ଟି ହୋଇଛି । ଉକ୍ତ ଦୁଇଟିଯାକ କଥା ବିପତ୍ତି ତଥା ଅଶୁଭ ଲକ୍ଷଣ ଆଡ଼କୁ ସୂଚାଉଛି । ପୁନଶ୍ଚ ମୁଁ ଦେଖିଲି ଯେ, ମୁଁ ଏକ ଶକ୍ତ ଲୌହ କବଚରେ ହାତ ଗଳାଉଛି । ଏକ ବର୍ଣ୍ଣନାରେ ଏପରି ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ମୁଁ ଏକ ସଶକ୍ତ ଲୌହ କବଚ ପରିଧାନ କରିଅଛି ଏବଂ ମୁଁ ଏକ ମେଣ୍ଢା ଉପରେ ଆରୋହଣ ହୋଇଛି । ସାହାବାମାନେ ଆଁହଜରତ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଉକ୍ତ ସ୍ୱପ୍ନର କ'ଣ ଅର୍ଥ ବାହାର କଲେ ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଯେଉଁଠି ଗାଈର ପ୍ରସଙ୍ଗ ରହିଛି ତହିଁରୁ ଏହା ଇଙ୍ଗିତ ଓ ପ୍ରତିତ ହେଉଛି ଯେ, ମୋର କିଛି ସାହାବାମାନେ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିବେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଜେବହ୍ ହେଉଥିବା ଗାଈର ଅର୍ଥ ଏହିକି ଯେ, ଆମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଶହୀଦ୍ ହେବେ । ମୋ ଖଡ଼୍‌ଗରେ ଯେଉଁଠି ଫାଟର ପ୍ରଶ୍ନ ରହିଛି ତହିଁରୁ ଏହି ଆଡ଼କୁ ଇଙ୍ଗିତ ଯେ, ମୋ ବଂଶରୁ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘଟିବ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉକ୍ତ ଶବ୍ଦ ଉଲ୍ଲେଖ ହୋଇଛି ଯେ, ମୋ ଖଡ଼୍‌ଗ ଦାଢରେ ଯେଉଁ ଦାନ୍ତ ବାହାରିଛି ତାହାର ଅର୍ଥ ତୁମମାନଙ୍କର କୌଣସି କ୍ଷତି ଘଟିବ ନାହିଁ । ଅର୍ଥାତ୍ ଅଣବଂଶୀୟ ବ୍ୟକ୍ତିଙ୍କର କୌଣସି କ୍ଷତି ଘଟିବ ନାହିଁ। ଏଠାରେ '**ଫୁଲୁ**'ର ଯେଉଁ ଶବ୍ଦଟି ପ୍ରୟୋଗ ବା ବ୍ୟବହୃତ ହୋଇଛି ତହିଁରୁ ଏହା ଯଥାର୍ଥ ଯେ, ଖଡ଼୍‌ଗର ଦାଢ ହ୍ରାସ ପାଇବାକୁ ବୁଝାଏ ଓ ଖଡ଼୍‌ଗ ମୁଠାରେ ଫାଟ ସୃଷ୍ଟି ହେବାର ଅର୍ଥ ଏହାକି ଯେ, ଦୁଇଟି ଦୁଃଖଦାୟକ ଅଘଟଣ ଘଟିବ । ସେହିପରି ଶକ୍ତ ଲୌହ କବଚର ଅର୍ଥ ମଦିନା ଅଟେ । ମେଣ୍ଢାରୁ ଏହା ଯଥାର୍ଥ ମୁଁ (ଅର୍ଥାତ୍ ଆଁହଜରତ ସ.ଅ) ଶତ୍ରୁମାନଙ୍କ ସମର୍ଥକଙ୍କର ସଂହାର କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଆଁହଜରତ ସ.ଅ ଉକ୍ତ ପ୍ରସଙ୍ଗ ସଂପର୍କରେ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ । ଇବ୍‌ନେ ଉତ୍‌ବା ବିନ୍ ଇସ୍‌ହାକ ବିନ୍ ସାଆଦ୍ ଇତ୍ୟାଦି ସାହାବାମାନେ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଉକ୍ତ ସ୍ୱପ୍ନ ଶୁକ୍ରବାର ରାତ୍ରରେ ଦେଖିଥିଲେ । ଯେତେବେଳେ ସକାଳ ହେଲା ସେତେବେଳେ ଆପଣ ସ.ଅ ସାହାବାମାନଙ୍କ ନିକଟକୁ ଗଲେ । ଆପଣ ସ.ଅ ଅଲ୍ଲାଃତାଲାଙ୍କ ପ୍ରଶଂସା ଏବଂ ମହିମା ଗଲେ । ପୁନଶ୍ଚ ନିଜର ସ୍ୱପ୍ନ ବର୍ଣ୍ଣନା କଲେ । ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଯଦି ମୋତେ ମଦିନାରେ ରହି ଲଢିବାକୁ ପରାମର୍ଶ ଦିଅ ଏବଂ ମହିଳା ତଥା ପିଲାମାନଙ୍କୁ ଆମେମାନେ ଦୁର୍ଗ ମଧ୍ୟରେ ପହଞ୍ଚାଇ ଦେବୁ । ଯଦି ସେହି ଲୋକମାନେ ବାହାରେ ରହିବେ ତେବେ ସେମାନେ ଅତ୍ୟନ୍ତ ଖରାପ ସ୍ଥାନରେ ରହିବେ ଓ ଯଦି ସେମାନେ ଆମ ସହର ମଧ୍ୟକୁ ପ୍ରବେଶ କରନ୍ତି ତେବେ ଆମେମାନେ ସେମାନଙ୍କ ସହିତ ଗଳିମାନଙ୍କରେ ଯୁଦ୍ଧ କରିବୁ। ଆମେମାନେ ସେମାନଙ୍କ ଅପେକ୍ଷା ଅଧିକ ଏହି ପଥ ସଂପର୍କରେ ଅବଗତ ଅଟୁ । ସ୍ତୂପ ଉପରୁ ମଧ୍ୟ ସେମାନଙ୍କ ଉପରେ ପଥର ବୃଷ୍ଟି କରାଯିବ । ସେହି ଲୋକମାନେ ପ୍ରତ୍ୟେକ ଦୃଷ୍ଟିରୁ ନିର୍ମାଣ ତଥା କାରୁକାର୍ଯ୍ୟ ମାଧ୍ୟମରେ ମଦିନା ନଗରକୁ ସୁରକ୍ଷିତ କରି ଦେଇଥିଲେ । ମଦିନା ଏକ ଦୁର୍ଗ ପରି ଥିଲା । ରସୁଲୁଲ୍ଲାଃ ସ.ଅ ଯେଉଁ ରାୟ ଦେଲେ ସେହି ରାୟ ବରିଷ୍ଠ ପ୍ରବାସକାରୀ ଏବଂ ଅନ୍‌ସାରମାନଙ୍କର ରାୟ ଥିଲା । ସେହିପରି ଅବ୍‌ଦୁଲ୍ଲାଃ ବିନ୍ ଉବୈ ମଧ୍ୟ ଏହି ରାୟ ତଥା ମତ ପ୍ରଦାନ କରିଥିଲେ । ହେଲେ ମୁସଲମାନମାନଙ୍କ ମଧ୍ୟରୁ ଦଳେ ଗୋଷ୍ଠୀ ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ସଂଖ୍ୟା ଯୁବକ ସାହାବାମାନଙ୍କର ରହିଥିଲା । ଏହି ଲୋକମାନେ ବଦର୍ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ ଏବଂ ଶାହାଦତ୍‌ର ଅଭିଳାଷୀ ଥିଲେ । ସେମାନେ ଶତ୍ରୁ ପକ୍ଷ ସହିତ ଲଢିବା ପାଇଁ ଇଚ୍ଛୁକ ଓ ବ୍ୟଗ୍ର ଥିଲେ । ସୁତରାଂ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆମମାନଙ୍କୁ ଧରି ମଦିନା ବାହାରକୁ ଶତ୍ରୁ ପାଖକୁ ନେଇ ଚାଲନ୍ତୁ । ଶତ୍ରୁମାନେ ଏହା ନଭାବନ୍ତୁ ଯେ, ଆମେମାନେ ଭୀରୁ, କାପୁରୁଷ ହୋଇଯାଇଛୁ । ଅବ୍‌ଦୁଲ୍ଲାଃ ବିନ୍ ଉବୈ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ମଦିନାରେ ହିଁ ରୁହନ୍ତୁ । ମଦିନା ବାହାରେ ଆଦୌ ବାହାରନ୍ତୁ ନାହିଁ। ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଆମେମାନେ ଯେତେବେଳେ ବି ମଦିନା ବାହାରେ ଶତ୍ରୁ ସହିତ ଯୁଦ୍ଧ କରିଛୁ ସେତେବେଳେ ଆମମାନଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । କିନ୍ତୁ ଯେତେବେଳେ କୌଣସି ଶତ୍ରୁ ମଦିନାରେ ଆସି ଆମ ସହିତ ଯୁଦ୍ଧ କରିଛି ସେତେବେଳେ ଆମେମାନେ ଜୟଯୁକ୍ତ ହୋଇଛୁ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-297-298, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସବ୍‌ଲୁଲ୍ ହୁଦା, ଭାଗ-4, ପୃ-185, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ର.ଅ ସାଆଦ୍ ବିନ୍ ଉବାଦାହ୍ ର.ଅ ଓ ନୁମାନ୍ ବିନ୍ ମାଲିକ୍ ର.ଅ ମଧ୍ୟ ଆଁହଜରତ୍ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନଙ୍କ ମନରେ ଏହି ଭୟ ରହିଛି ଯେ, ଯଦି ଆମେମାନେ ମଦିନା ବାହାରକୁ


**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ନବାହାରିଲୁ ତେବେ ଶତ୍ରୁ ଏହା ମନେକରିବ ଯେ, ଆମେମାନେ ସେମାନଙ୍କ ସହିତ ଲଢିବାରେ ଭୀରୁ ଓ କାପୁରୁଷ ହୋଇ ଯାଇଛେ । ଅତଃ ଆମେମାନେ ଯଦି ବାହାରକୁ ନ ବାହାରିଲୁ ତେବେ ସେହି କାରଣରୁ ସେମାନଙ୍କ ମନରେ ଆମ ବିରୁଦ୍ଧରେ ଯୁଦ୍ଧ କରିବାକୁ ସାହାସ ବୃଦ୍ଧି ପାଇବ । ହେ ଅଲ୍ଲାଃଙ୍କ ବାର୍ତ୍ତବହ ! ବଦର୍ ଯୁଦ୍ଧରେ ଆପଣ ସ.ଅଙ୍କ ସହିତ 300 ଜଣ ଲୋକେ ସାମିଲ୍ ଥିଲେ । ତେବେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସେହି କୁରେଶ୍‌ମାନଙ୍କ ଉପରେ ବିଜୟ ପ୍ରଦାନ କଲେ। ଆଉ ଆଜି ଆମେମାନଙ୍କର ସଂଖ୍ୟା ଅଧିକ ରହିଛି ଅର୍ଥାତ୍ ଆମମାନଙ୍କର ସଂଖ୍ୟା ବୃଦ୍ଧି ପାଇଛି । ଇୟାସ୍ ବିନ୍ ଅସ୍ ବିନ୍ ଅତିକ୍ ର.ଅ କହିଲେ, ବନୁ ଅବ୍‌ଦୁଲ୍ ଅଶ୍‌ହଲିୟା ଆଶା କରନ୍ତି ଯେ, ଜେବହ୍ କରାଯାଇଥିବା ଗାଈ ଆମେମାନେ ହେବୁ। ମୁଁ ଯେଉଁ ସ୍ୱପ୍ନ ଦେଖିଥିଲି ଯେ, ଗାଈମାନେ ଜେବହ୍ ହେଉଛନ୍ତି । ଆମେମାନେ ଆଶା କରୁଛୁ ଯେ, ଆମେମାନେ ଗାଈ ହେବୁ । ବନୁ ଅବ୍‌ଦୁଲ୍ ଅଶ୍‌ହଲ୍ ସଂପ୍ରଦାୟ ବ୍ୟତୀତ ଅନ୍ୟ ଲୋକମାନେ କହିଲେ, ଏହା ଦୁଇଟି ପୁଣ୍ୟ ମଧ୍ୟରୁ ଅନ୍ୟତମ ପୁଣ୍ୟ ଅଟେ । ସଫଳତା ଅବା ବୀରଗତି । ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଆରବବାସୀମାନେ ଏହି ଲୋଭ କରନ୍ତୁ ନାହିଁ ଯେ, ଆମେମାନେ ଘରମାନଙ୍କରେ ପ୍ରବେଶ କରିଯିବୁ । ହ. ହମ୍‌ଜା ର.ଅ କହିଲେ, ଏହି ପ୍ରକାରର ଧର୍ମ ଗ୍ରନ୍ଥ ଆପଣ ସ.ଅଙ୍କ ଉପରେ ଅଲ୍ଲାଃତାଲା ଅବତୀର୍ଣ୍ଣ କଲେ ! ଆଜି ମୁଁ ଖାଦ୍ୟ ଖାଇବି ନାହିଁ । ଯେପର୍ଯ୍ୟନ୍ତ ମଦିନାରୁ ବାହାରକୁ ବାହାରି ମୁଁ ନିଜର ଖଡ଼୍‌ଗ ଦ୍ୱାରା ସେମାନଙ୍କ ସହିତ ଯୁଦ୍ଧ କରି ନେଇ ନାହିଁ ସେପର୍ଯ୍ୟନ୍ତ ମୁଁ ଆଜି ଭୋଜନ ଗ୍ରହଣ କରିବି ନାହିଁ । ସୁତରାଂ ହ. ହମ୍‌ଜା ର.ଅ ଶୁକ୍ରବାଦ ଦିନ ଏବଂ ଶନିବାର ଦିନ ଉପବାସ କରିଥିଲେ ଏବଂ ଯେତେବେଳେ ବୀରଗତି ପ୍ରାପ୍ତ କଲେ ସେତେବେଳେ ଓଷା ରଖିଥିଲେ ।

**(କିତାବୁଲ୍ ମୁଗାଜି, ଲିଲ୍‌ୱାକିଦି, ଭାଗ-1, ପୃ-194)**

ନୁମାନ୍ ବିନ୍ ମାଲିକ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କୁ ସ୍ୱର୍ଗରୁ ବଞ୍ଚିତ କରି ଦିଅନ୍ତୁ ନାହିଁ । ସେହି ସତ୍ତାଙ୍କ ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣ ବାୟୁ ରହିଛି ! ମୁଁ ଅବଶ୍ୟ ବୈକୁଣ୍ଠ ପୁରରେ ପ୍ରବେଶ କରିବି। ରସୁଲୁଲ୍ଲାଃ ସ.ଅ କହିଲେ, କିପରି ? ସେ କହିଲେ ଏହିପିର ଯେ, ମୁଁ ଅଲ୍ଲାଃତାଲା ଏବା ତାହାଙ୍କ ବାର୍ତ୍ତାବହଙ୍କୁ ପ୍ରେମ କରେ । ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ନୁମାନ୍ ବିନ୍ ମାଲିକ୍ ର.ଅ କହିଲେ, ନିଃସନ୍ଦେହ ରୂପେ ମୁଁ ଏହି ସାକ୍ଷ୍ୟ ଦେଉଅଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ବି ଉପାସ୍ୟ ନୁହନ୍ତି ଓ ମୁହମ୍ମଦ୍ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । ମୁଁ ଯୁଦ୍ଧ ଦିନ ପଳାୟନ କରିବି ନାହିଁ । ତେବେ ରସୁଲୁଲ୍ଲାଃ ସ.ଅ କହିଲେ. ହେ ନୁମାନ୍ ! ତୁମେ ସତ କହିଛ । ସୁତରାଂ ସେ ଅର୍ଥାତ୍ ନୁମାନ୍ ବିନ୍ ମାଲିକ୍ ର.ଅ ସେହି ଦିନ ଯୁଦ୍ଧରେ ବୀରଗତି ପ୍ରାପ୍ତ କଲେ । ମାଲିକ୍ ବିନ୍ ସିନାନ୍ ଖୁଦ୍‌ରୀ ଓ ଇୟାସ୍ ବିନ୍ ଅତିକ୍ ଓ ଆଉ ଏକ ଗୋଷ୍ଠୀ ଯୁଦ୍ଧ କରିବା ନିମନ୍ତେ ବାହାରିବା ପାଇଁ ଭଲ ବାବରେ ପ୍ରବର୍ତ୍ତାଇଲେ ।

**(ସବ୍‌ଲୁଲ୍ ହୁଦା, ଭାଗ-4, ପୃ-186, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ସିର୍ତ ଖାତମୁନ୍ ନବୀୟିନରେ ଏହାର ବିସ୍ତୃତ ବିବରଣୀ ଉଲ୍ଲେଖ କରିଛନ୍ତି ଯେ, ଆଁହଜରତ ସ.ଅ ମୁସଲମାନମାନଙ୍କୁ ଏକତ୍ରିତ କରି ସେମାନଙ୍କୁ କୁରେଶ୍‌ମାନଙ୍କର ଆକ୍ରମଣ ସଂକ୍ରାନ୍ତରେ ପରାମର୍ଶ ଲୋଡ଼ିଲେ । ଆପଣ ସ.ଅ ଏହି ପରାମର୍ଶ ଲୋଡ଼ିଲେ ଯେ, ହେ ସାହାବାମାନେ କ'ଣ ଆମେମାନେ ମଦିନା ଭିତରେ ରହି ଯୁଦ୍ଧ ଲଢ଼ିବୁ ନା ମଦିନା ବାହାରେ ଯାଇ ଯୁଦ୍ଧ ଲଢ଼ିବୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରାମର୍ଶ ପୂର୍ବରୁ ଆଁହଜରତ ସ.ଅ କୁରେଶ୍‌ମାନଙ୍କ ଆକ୍ରମଣ ଏବଂ ସେମାନଙ୍କର ରକ୍ତାକ୍ତମୟ ଅଭିଳାଷାର ଚର୍ଚ୍ଚା କରି କହିଲେ, ଆଜି ରାତ୍ରରେ ମୁଁ ସ୍ୱପ୍ନ ମଧ୍ୟ ଦେଖିଛି ଏବଂ ପୁନଶ୍ଚ ଏହାପରେ ଆପଣ ସ.ଅ ସାହାବାମାନଙ୍କୁ ସ୍ୱପ୍ନ ଶୁଣାଇଲେ । ଯାହାର ଚର୍ଚ୍ଚା ମୁଁ ବର୍ତ୍ତମାନ କରିସାରିଛି। ସାହାବାମାନଙ୍କର ସ୍ୱପ୍ନର ଅର୍ଥ ପଚାରିବାରୁ ଆଁହଜରତ ସ.ଅ କହିଲେ, ଗାଈ ଜେବହ୍ ହେବାରୁ ମୁଁ ଏହା ଭାବୁଛି ଯେ, ମୋର ସାହାବାମାନଙ୍କ ମଧ୍ୟରୁ କେତେକ ସାହାବାମାନେ ବୀରଗତି ପ୍ରାପ୍ତ କରିବେ ଯଥାର୍ଥ ଅଟେ । ସେହିପରି ମୋର ଖଡ଼୍‌ଗର କଡ଼ ଭାଙ୍ଗିବାରୁ ଯଥାର୍ଥ ମୋର ପ୍ରିୟଜନମାନଙ୍କ ମଧ୍ୟରୁ କେହି ଜଣେ ବୀରଗତି ପ୍ରାପ୍ତ କରିବାର ଇଙ୍ଗିତ ରହିଛି ବୋଲି ପ୍ରତିତ ହେଉଛି । ଅବା ସମ୍ଭବତଃ ମୋତେ ଉକ୍ତ ଯୁଦ୍ଧରେ କିଛି ହାନୀ ପହଞ୍ଚିବ । ଲୌହ କବଚ ମଧ୍ୟରେ ହାତ ପକାଇବା (ଗଳାଇବା)ରୁ ଯଥାର୍ଥ ଉକ୍ତ ଆକ୍ରମଣର ମୁକାବିଲା ନିମନ୍ତେ ଆମମାନଙ୍କର ମଦିନା ଭିତରେ ରହିବା ଅଧିକ ଉଚିତ୍ ହେବ । ସେହିପରି ମେଣ୍ଢା ଉପେରେ ଆରୋହଣ ହେବାର ସ୍ୱପ୍ନର ଆପଣ ସ.ଅ ଏହି ଅର୍ଥ କହିଲେ ଯେ, ତହିଁରୁ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀର ଅଧିପତି । ଅର୍ଥାତ୍ ଧ୍ୱଜା ବାହକ ଅଟେ । ସେହି ଧ୍ୱଜା ବାହକ **ଇନ୍‌ଶାଅଲ୍ଲାଃ** ମୁସଲମାନମାନଙ୍କ ହସ୍ତରେ ନିହତ ହେବ । ଏତଦ୍‌ପରେ ଆପଣ ସ.ଅ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଯେ, କ'ଣ ମଦିନା ଭିତରେ ଲଢିବା ଉଚିତ୍ ନା ମଦିନା ବାହାରେ ? ଅର୍ଥାତ୍ ବର୍ତ୍ତମାନ ପରିସ୍ଥିତିରେ କ'ଣ କରିବା ଉଚିତ୍ ? ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଯେ, ସାହାବାମାନେ ଆଁହଜରତ ସ.ଅଙ୍କ ସ୍ୱପ୍ନରୁ ପ୍ରଭାବିତ ହୋଇ କିମ୍ବା ସେହି ପରିସ୍ଥିତିକୁ ଦେଖି ଏହି ପରାମର୍ଶ ପ୍ରଦାନ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମଦିନା ଭିତରେ ରହି ଯୁଦ୍ଧ କରିବା ଉଚିତ୍ । ଆଁହଜରତ ସ.ଅ ସ୍ୱପ୍ନରୁ ପ୍ରଭାବିତ ହୋଇ ଅବା ଏପରି ପରିସ୍ଥିତି ଦେଖି ଏହି ପାରମର୍ଶ ଦେଲେ ଯେ, ମଦିନା ମଧ୍ୟରେ ରହି ମୁକାବିଲା କରିବା ଉଚିତ୍ । ଆଁହଜରତ ସ.ଅ ମଧ୍ୟ ଏହି ମତକୁ ପସନ୍ଦ କଲେ । କିନ୍ତୁ ଅନେକ ସାହାବାମାନେ ବିଶେଷ କରି ସେହି ସାହାବାମାନେ ଯେଉଁମାନେ ଯୁବକ ଥିଲେ ଏବଂ ସେମାନେ ବଦର୍ ଯୁଦ୍ଧରେ ସାମିଲ୍ ହୋଇ ନଥିଲେ ଏବଂ ସେମାନେ ନିଜର ଶାହାଦତ୍‌କୁ ଧର୍ମସେବାର ସୁଯୋଗ ପ୍ରାପ୍ତ କରିବା ସକାଶେ ବ୍ୟଗ୍ର ଥିଲେ । ସେମାନେ ଜିଦି କରି କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କୁ ସହର ବାହାରକୁ ବାହାରି ଖୋଲା ପଡ଼ିଆରେ ଯୁଦ୍ଧ କରିବା ଉଚିତ୍ । ସେହି ଲୋକମାନେ ଏତେ ଜିଦ୍ କଲେ ଏବଂ ନିଜର ମତାମତ ଉପସ୍ଥାପିତ କଲେ ଯେ, ଆଁହଜରତ ସ.ଅ ସେମାନଙ୍କର ଉତ୍ସାହକୁ ଦେଖି ସେମାନଙ୍କ କଥା ସ୍ୱୀକାର କରିନେଲେ ଏବଂ ଏବି ନିଷ୍ପତ୍ତି ନେଲେ ଯେ, ଆମେମାନେ ଖୋଲା ପଡ଼ିଆକୁ ବାହାରି ଯୁଦ୍ଧ କରିବୁ । ଅତଏବ୍ ଜୁମା ନମାଜ ପରେ ଆପଣ ସ.ଅ ମୁସଲମାନମାନଙ୍କୁ ଏହି ଆହ୍ୱାନ ଦେଲେ ଯେ, ଜିହାଦ୍ ଫି ସବିଲିଲ୍ଲାଃ (ଅଲ୍ଲାଃତାଲାଙ୍କ ମାର୍ଗରେ ଧର୍ମଯୁଦ୍ଧ କରିବା) ଉଦ୍ଦେଶ୍ୟରେ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇ ପୁଣ୍ୟ ଅର୍ଜନ କରନ୍ତୁ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏମ୍.ଏ, ପୃ-484-485ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ତେବେ ଯୁଦ୍ଧ ସଂପର୍କିତ ଅତିରିକ୍ତ ବିବରଣୀ **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା କରିବି । **ଇନଶାଅଲ୍ଲାଃ** । ଏତଦ୍‌ପରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ଦୁଆ କରନ୍ତୁ । ଯୁଦ୍ଧ ବନ୍ଦ ହେବା ପରେ ପୁନଃ ସେମାନଙ୍କ ଉପରେ ବିନା କୌଣସି ବାଛ ବିଚା କରି ବୋମା ବର୍ଷଣ ହେବ ଏବଂ ପୁଣି ନିରୀହ ଲୋକେ ବିରଗତି ପ୍ରାପ୍ତ କରିବେ । ଏହା କେତେ ବଡ଼ ଅନ୍ୟାୟ ଓ ଅତ୍ୟାଚାର ହେବ ? ଅଲ୍ଲାତାଲାଙ୍କ ଭଲ ଭାବରେ ଜାଣନ୍ତି । କାରଣ ସେ ସର୍ବଜ୍ଞ ଅନ୍ତର୍ଯାମୀ ଅଟନ୍ତି । ସେହି ପାଲେଷ୍ଟାଇନ୍‌ବାସୀଙ୍କ ଭବିଷ୍ୟତ ସଂପର୍କରେ ବୃହତ ଶକ୍ତିମାନଙ୍କର ଯେଉଁ ଉଦ୍ଦେଶ୍ୟ ରହିଛି ତାହା ଅତ୍ୟନ୍ତ ଭୟଙ୍କର ଅଟେ । ସେଇଥି ପାଇଁ ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ଦୁଆ କରିବାର ବହୁତ ଆବଶ୍ୟକତା ରହିଛି । ଅଲ୍ଲାଃତାଲା ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । **ଆମିନ୍।** ☆--☆--☆

## ପୃ-2 ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ.......

ଏହାର ବିପରୀତ ଆମମାନଙ୍କୁ ଅଧିକରୁ ଅଧିକ ବଳିଦାନ ଦେବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଆହ୍ୱାନ ଅନୁଯାୟୀ ଯେଉଁ ପ୍ରାରମ୍ଭିକ ଲୋକମାନେ ରହିଥିଲେ ସେମାନଙ୍କର ସଂଖ୍ୟା 5000 ଥିଲା । ଏମାନେ ତେହ୍‌ରିକେ ଜଦିଦ୍‌ର ଦଫ୍‌ତର ଅୱଲ୍‌ର ମୁଜାହିଦ୍ (ଧର୍ମଯୋଦ୍ଧା) ଥିଲେ । ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ତରଫରୁ ବିଶେଷ ତେହ୍‌ରିକ୍ (ଅହ୍ୱାନ) କରାଗଲା ଯେ, ସେହି ସନ୍ତାନ ଏବଂ ବଂଶଧରମାନଙ୍କୁ ନିଜର ପୂର୍ବଜମାନଙ୍କର ବଳିଦାନକୁ ଜୀବିତ ରଖିବା ନିମନ୍ତେ ପ୍ରଳୟ ଦିବସ ପର୍ଯ୍ୟନ୍ତ ସେମାନଙ୍କ ପକ୍ଷରୁ ଚାନ୍ଦା ଦେଉଥିବା ଉଚିତ୍ । **(ଖୁତ୍‌ବାତେ ତାହେର୍, ଭାଗ-4, ପୃ-865)**

ପୁନଶ୍ଚ ମୁଁ ମଧ୍ୟ ଯେତେବେଳେ ଦଫ୍‌ତ୍ର ପଞ୍ଜମ୍‌ର ଶୁଭାରମ୍ଭ କଲି ସେତେବେଳେ ଏଥି ପ୍ରତି ବିଶେଷ ଧ୍ୟାନ ଆକର୍ଷଣ କଲି ଏବଂ ବର୍ତ୍ତମାନ ଅଲ୍ଲାଃତାଲାଙ୍କ କୃପାରୁ ଦଫ୍‌ତର୍ ଅୱଲ୍‌ର ସମସ୍ତ ଖାତା ଜୀବିତ ରହିଛି । ଦଫ୍‌ତର୍ ଅୱଲ୍‌ର ମୁଜାହିଦୀନ୍‌ମାନଙ୍କୁ ଯେତେବେଳେ 10 ବର୍ଷ ପୂର୍ଣ୍ଣ ହୋଇଯାଇଥିଲା ସେତେବେଳେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଅନ୍ୟ ଦଫ୍‌ତର୍‌ର ଘୋଷଣା କଲେ ଏବଂ ତହିଁରେ ପରବର୍ତ୍ତୀ ଚାନ୍ଦା ଦେବାକୁ ଥିବା ଆଗମନକାରୀମାନେ ସାମିଲ୍ ହେଲେ ଏବଂ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଅବଧି 19 ବର୍ଷ ବୋଲି ଧାର୍ଯ୍ୟ କଲେ ଏବଂ କହିଲେ, ଆସନ୍ତାରେ ଉକ୍ତ ଦଫ୍‌ତର୍‌ଟି 19 ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ଓ ଜାରି ରହିବ ।

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ପ୍ରତ୍ୟେକ 19 ବର୍ଷ ପରେ ଗୋଟିଏ ଦଫ୍‌ତର୍ ସ୍ଥାପିତ ହେବ । ପୁନଶ୍ଚ ଏତଦ୍‌ପରେ ନୂତନ ଦଫ୍‌ତର୍ ଆରମ୍ଭ ହୋଇଯିବ ।

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-25, ପୃ-732-731)**

ସୁତରାଂ ତଦନୁଯାୟୀ ପୁନଶ୍ଚ ଦଫ୍‌ତର୍ ସୋୱମ୍ (ତୃତୀୟ) ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଅସୁସ୍ଥତା ଯୋଗୁଁ ସେତେବେଳେ ଆପଣ ର.ଅ ଘୋଷଣା କରିପାରି ନଥିଲେ । ଅତଃ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ କହିଲେ, ଉକ୍ତ ଦଫ୍‌ତର୍‌ର ଘୋଷଣା ତ' ମୁଁ କରି ଦେଉଛି । କିନ୍ତୁ ଏହା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଡ଼କୁ  ଇଙ୍ଗିତ ହେବ । ଅର୍ଥାତ୍ ଏହି ଦଫତର୍ ହ. ମସୁଲେହ୍ ମଉଦ୍ ର.ଅଙ୍କର ବୋଲି ବିବେଚିତ ହେବ । ଅଲ୍ଲାଃତାଲା ମୋତେ ମଧ୍ୟ ଏହାର ପ୍ରତିଫଳ ପ୍ରଦାନ କରିବେ।  ଏହାର ଘୋଷଣା 1966 ମସିହାରେ ହେଲା କିନ୍ତୁ ଆପଣ ର.ଅ କହିଲେ,ଏହି ଦଫ୍‌ତର୍ 1966 ମସିହା ନଭେମ୍ବର ମାସରୁ ଜାରି ହେବ ।

**(ଖୁତ୍‌ବାତେ ନାସିର୍, ଭାଗ-1, ପୃ-228ରୁ ଉଦ୍ଧୃତ)**

ପୁନଶ୍ଚ 1985 ମସିହାରେ ଦଫ୍‌ତର୍ ଚାହାରମ୍ (ଚତୁର୍ଥ) ପ୍ରାରମ୍ଭ ହେଲା । ଉକ୍ତ ଦଫ୍‌ତର୍‌ଟି ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଦ୍ୱାରା ଜାରି କରାଯାଇଥିଲା ।

**(ଖୁତ୍‌ବାତେ ତାହେର୍, ଭାଗ-4, ପୃ-870ରୁ ଉଦ୍ଧୃତ)**

ଅତଏବ୍ ଚତୁର୍ଥ ଦଫ୍‌ତରଟି 19 ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରହିବା ପେରେ 2004 ମସିହାରେ ଯେତେବେଳେ 19 ବର୍ଷର ଅବଧି ସମାପ୍ତ ହେଲା ସେତେବେଳେ ପୁନଶ୍ଚ ଦଫତର ପଞ୍ଜମ୍ (ପଞ୍ଚମ) ଜାରି ଅର୍ଥାତ୍ ଆରମ୍ଭ ହେଲା । ପୁନଶ୍ଚ 19 ବର୍ଷ ପୂର୍ତ୍ତି ହେବା ପରେ ଦଫତର ଶଶମ୍ (ଷଷ୍ଠ)ର ପ୍ରାରମ୍ଭର ମୁଁ ଘୋଷଣା କରୁଛି । ବର୍ତ୍ତମାନ ନୂତନ ରୂପେ ଉକ୍ତ ତେହ୍‌ରିକରେ ଅଂଶଗ୍ରହଣକାରୀ, ନବଦୀକ୍ଷିତମାନେ, ନବ ଜନ୍ମିତ ସନ୍ତାମାନେ ଅବା ଯେଉଁମାନେ ପୂର୍ବେ କୌଣସି ଦଫତର୍‌ରେ ନାହାନ୍ତି ସେମାନେ ଉକ୍ତ ଦଫତର୍‌ରେ ସାମିଲ୍ ହେବେ । ସୁତରାଂ ଜମାଅତ୍‌ର ବ୍ୟବସ୍ଥାପିକା ବର୍ତ୍ତମାନ ନିଜ ନିଜ ଜମାଅତ୍‌ମାନଙ୍କରେ ଏହି ଦଫ୍‌ତର ଅନୁଯାୟୀ କାର୍ଯ୍ୟାନୁସରଣ କରନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ ନୂତନ ଦଫ୍‌ତର୍‌ର ଘୋଷଣା କରିଥିଲେ ସେତେବେଳେ ଆପଣ ର.ଅ ଏହା କହିଥିଲେ ଯେ, "ଏହା ପରେ ଅର୍ଥାତ ଦଫ୍‌ତର୍ ଦୋୱମ୍ (ଦ୍ୱିତୀୟ) ପରେ ତେହ୍‌ରିକେ ଜଦିଦ୍‌ର ତୃତୀୟ କାର୍ଯ୍ୟକାଳ ଏବଂ ଚତୁର୍ଥ ଓ ପଞ୍ଚମ ଅବଧି ଆସିବ । ଆମେମାନେ ଧର୍ମ ନିମନ୍ତେ ବଳିଦାନ ଦେଇ ଚାଲିଥିବୁ । ଯେଉଁ ଦିନ ଆମେମାନେ ଧର୍ମ ନିମନ୍ତେ ସଂଗ୍ରାମ କରିବା ଛାଡ଼ି ଦେଲୁ ଅବା ବନ୍ଦ କରିଦେଲୁ, ଯେଉଁ ଦିନ ଆମମାନଙ୍କ ମଧ୍ୟରେ ସେହି ଲୋକମାନେ ଜନ୍ମ ଗ୍ରହଣ କଲେ ଯେଉଁମାନେ ଏହା କହିବେ କି ପ୍ରଥମ ଅବଧି ଅତିକ୍ରାନ୍ତ ହୋଇଯାଇଛି, ଦ୍ୱିତୀୟ ଅବଧି ମଧ୍ୟ ଅତିକ୍ରାନ୍ତ ହୋଇଗଲାୀ ଏବଂ ଚତୁର୍ଥ ଅବଧି ମଧ୍ୟ ଅତିକ୍ରାନ୍ତ ହୋଇଗଲା, ପଞ୍ଚମ ଅବଧି ମଧ୍ୟ ଅତିକ୍ରାନ୍ତ ହୋଇଗଲା, ଷଷ୍ଠ ଅବଧି ମଧ୍ୟ ଅତିକ୍ରାନ୍ତ ହୋଇଗଲା ଏବଂ ସପ୍ତମ  ଅବଧି ମଧ୍ୟ ଅତିବାହିତ ହୋଇଗଲା ବର୍ତ୍ତମାନ ଆମେମାନେ କେଉଁ ପର୍ଯ୍ୟନ୍ତ ବା କେତେ ବଳିଦାନ ଦେଇ ଚାଲିଥିବୁ ? ପରିଶେଷରେ କେଉଁଠି ନା କେଉଁଠି ଉକ୍ତ ପ୍ରଥାକୁ ସମାପ୍ତ କରିବା ଉଚିତ୍ ।" ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି, "ଏହି ସ୍ୱୀକାରୋକ୍ତି ସେହି ଲୋକମାନଙ୍କର ହେବ ଯେଉଁମାନେ ଏହା କହିବେ କି ବର୍ତ୍ତମାନେ ଆମମାନଙ୍କର ଆଧ୍ୟାତ୍ମିକତା ଶିଥିଳ ପଡ଼ିଯାଇଛି ଏବଂ ଆମମାନଙ୍କର ବିଶ୍ୱାସ ଦୁର୍ବଳ ହୋଇଯାଇଛି । ଆମେମାନେ ତ' ଏହି ଆଶା ରଖୁଛି ଯେ, ତେହ୍‌ରିକେ ଜଦିଦ୍‌ର ଏହି ଯୁଗ ଅସୀମିତ ହେବ । ଅର୍ଥାତ୍ ଯେପରି ଆକାଶର ତାରକାମାନଙ୍କୁ ଗଣ୍ୟ (ଗଣି) କରିହେବ ନାହିଁ । ଠିକ୍ ସେହିପରି ତେହ୍‌ରିକେ ଜଦିଦ୍‌ର କାଳକୁ ମଧ୍ୟ ଗଣ୍ୟ କରିହେବ ନାହିଁ । ଅଲ୍ଲାଃତାଲା ଯେପରି ହ. ଇବ୍ରାହିମ୍ ଅ.ସଙ୍କ ସହିତ ଆଚରଣ ପ୍ରଦର୍ଶନ କରିଥିଲେ ଯେ, ତୁମ୍ଭ ବଂଶଧର ଗଣ୍ୟ ହେବ ନାହିଁ ଏବଂ ହ. ଇବ୍ରାହିମ୍ ଅ.ସଙ୍କ ବଂଶଧର ଧର୍ମ ସେବା କଲେ । ଠିକ୍ ସେହିପରି ଏହି ଅବସ୍ଥା ତେହ୍‌ରିକେ ଜଦିଦ୍‌ର ଅଟେ । ଯଦିଓ ତେହ୍‌ରିକେ ଜିଦଦର ସମୟ ବା ଅବଧି ଲୋକମାନଙ୍କ ସମୟ ନୁହେଁ । ବରଂ ଏହା ଧର୍ମ ନିମନ୍ତେ ବଳିଦାନର ପାଥେୟର ସମଷ୍ଟି ଅଟେ । ସୁତରାଂ ଯଦି ଉକ୍ତ ତେହ୍‌ରିକର ସମୟକାଳକୁ ଗଣ୍ୟ କରା ନଯାଏ ତେବେ ଏହି ଭବ୍ୟ ମୂଳଦୂଆ ଇସ୍‌ଲାମ୍ ଓ ଅହେମଦିୟତ୍‌ର ଦୃଢତ୍ୱତାର କାରଣ ହେବ ।" **(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-27, ପୃ-65ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ ଉକ୍ତ ଚିନ୍ତାଧାରା ସହିତ ପ୍ରତ୍ୟେକ ଅହେମଦିକୁ ନିଜ ବଳିଦାନର ସ୍ତରକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ଅଲ୍ଲାଃତାଲା ସେହି ବଳିଦାନକାରୀମାନଙ୍କୁ କିପରି ସମ୍ମାନିତ ଏବଂ ପୁରୁସ୍କୃତ କରିଥାଆନ୍ତି ଏହାର କେତେକ ଘଟଣା ମୁଁ ଆଲୋଚ୍ୟ ଖୁତ୍‌ବାରେ ବର୍ଣ୍ଣନା କରିଛି । ଏହା ଅଲ୍ଲାଃତାଲାଙ୍କର ପ୍ରତ୍ୟେକ୍ଷ ସାକ୍ଷ୍ୟ ଯେ, ଉକ୍ତ ତେହରିକ୍ (ଆହ୍ୱାନ) ଈଶ୍ୱରଙ୍କ ତେହରିକ୍ ଅଟେ । ସେହପରି ହ. ମୁସ୍‌ଲେହ୍ ମଉଦ୍ ର.ଅ ତେହ୍‌ରିକେ ଜଦିଦ୍ ପ୍ରସଙ୍ଗରେ ଏକ ସ୍ଥଳେ ଏହାକୁ ଓସିୟତ୍‌ର ବ୍ୟବସ୍ଥା ସହିତ ସଂଶ୍ଳୀଷ୍ଟ କରି କହିଥିଲେ ଯେ,  ତେହ୍‌ରିକେ ଜଦିଦ୍‌ର ଯେଉଁ ବ୍ୟବସ୍ଥା ରହିଛି , ଯେଉଁ ତେହରିକ୍ ରହିଛି, ଏହାକୁ ମୁଁ ନିଜ ଶବ୍ଦ ମାଧ୍ୟମରେ ବର୍ଣ୍ଣନା କରୁଛି ଯେ, ଉକ୍ତ ବ୍ୟବସ୍ଥାଟି ଓସିୟତ୍ ବ୍ୟବସ୍ଥାର  ସୁଦୃଢ ସ୍ୱରୂପ ଅଟେ । ଅର୍ଥାତ୍ ଉକ୍ତ ଆହ୍ୱାନ ଯୋଗୁଁ ଓସିୟତ୍ ବ୍ୟବସ୍ଥା ମଧ୍ୟ ସୁଦୃଢ ହେବ । ଏହା ଆର୍ଥିକ ବଳିଦାନ କରିବାର ଅଭ୍ୟାସ ପକାଇବାର ମୂଳଦୁଆ ହେବ । ଏହା ଅଗ୍ରଗାମୀ ଆହ୍ୱାନ ଅଟେ । ସୂଚନା ପ୍ରଦାନକାରୀ ଯେଉଁ ଟୁକୁଡ଼ି ବା ଦଳ ହୋଇଥାଏ ସେହିପରି ଉକ୍ତ ଆହ୍ୱାନ ହେଉଛି ସୂଚନା ପ୍ରଦାନକାରୀ । ଲୋକମାନଙ୍କୁ ଏହା ସୂଚିତ ତଥା ଅବଗତ କରି ଚାଲିଥିବ ଯେ, ଏକ ମହାନ ବ୍ୟବସ୍ଥା ଏହା ପଛେ ପଛେ ଆସୁଅଛି ଯାହାକି ନିଜାମେ ୱସିୟତ୍ (ଓସିୟତ୍ ବ୍ୟବସ୍ଥା) ବୋଲାଇବ । **(ନିଜାମେ ନୌ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-16, ପୃ-600ରୁ ଉଦ୍ଧୃତ)**

ସୁତରାଂ ଯେପରିକି ମୁଁ ଓସିୟତ୍ ବ୍ୟବସ୍ଥାରେ ସାମିଲ୍ ହେବା ନିମନ୍ତେ ଆହ୍ୱାନ କରି 2005 ମସିହାରେ ଏଥି ପ୍ରତି କହିଥିଲି ଯେ, ନିଜାମେ ଓସିୟତ୍ ସହିତ ଖିଲାଫତ୍‌ର ମଧ୍ୟ ଏକ ଗଭୀର ସଂପର୍କ ରହିଛି । ବର୍ତ୍ତମାନ ଓସିୟତ୍ ବ୍ୟବସ୍ଥା ସହିତ ବଳିଦାନର ସ୍ତର ମଧ୍ୟ ବୃଦ୍ଧି ପାଇଥାଏ । ତେବେ ପ୍ରଥମେ ବଳିଦାନର ଅଭ୍ୟାସ ପକାଇବା ନିମନ୍ତେ ତେହ୍‌ରିକେ ଜଦିଦ୍‌ର ବ୍ୟବସ୍ଥା ହିଁ ଏକମାତ୍ର ବ୍ୟବସ୍ଥା ଯାହାପ୍ରତି ଧ୍ୟାନ ଦେବାକୁ ହେବ । ସୁତରାଂ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ମୁଁ କହି ରଖୁଛି ଯେ, ସେମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ ।

ଅଲ୍ଲାଃତାଲା ଜମାଅତ୍‌ର ନିମ୍ନ ଏବଂ ଆର୍ଥିକ ରୂପେ ଅନଗ୍ରସର ତଥା ସ୍ୱଚ୍ଛଳ ନଥିବା ସଦସ୍ୟଙ୍କୁ ମଧ୍ୟ ଧ୍ୟାନ ଦେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ କେତେକ ଭଲ ରୋଜଗାର କରୁଥିବା ଲୋକମାନେ ଉକ୍ତ ଆହ୍ୱାନ ପ୍ରତି ବିଶେଷ ଧ୍ୟାନ ଦିଅନ୍ତି । କିନ୍ତୁ ଏବେ ବି ଉକ୍ତ ତେହ୍‌ରିକ୍ (ଆହ୍ୱାନ)ରେ ଅଧିକ ଲୋକଙ୍କୁ ସାମିଲ କରିବାର ଆବଶ୍ୟକତା ରହିଛି ଯେଉଁମାନେ ନିଜର ସାଧନ ଏବଂ ଆୟ ଅନୁଯାୟୀ ଚାନ୍ଦା ଦେଉ ନାହାନ୍ତି ସେହିମାନଙ୍କୁ ନିଜର ସାଧନ ଓ ଆୟ ଅନୁଯାୟୀ ଉକ୍ତ ଆହ୍ୱାନରେ ଚାନ୍ଦା ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ଗରିବ ଲୋକ ବଳିଦାନର କ୍ଷେତ୍ରରେ ବେଶ ଅଗ୍ରଗତି କରିଛନ୍ତି । କିନ୍ତୁ ଧନୀମାନଙ୍କୁ ମଧ୍ୟ ମୁଁ କହି ରଖୁଛି ଯେ, ସେମାନେ ମଧ୍ୟ ଉକ୍ତ ତେହ୍‌ରିକ୍‌ରେ ଚାନ୍ଦା ଦେବା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଗତ ବର୍ଷର ପରିସଂଖ୍ୟାନ ଉପସ୍ଥାପିତ କରିଦେଉଛି । ଯାହା ଆମମାନଙ୍କୁ ଦୃଶ୍ୟମାନ ହୋଇଛି ସେହି ତେହ୍‌ରିକେ ଜଦିଦ୍‌ର ଫଳ ସଂପର୍କରେ ମୁଁ ପ୍ରଥମେ ଚର୍ଚ୍ଚା କରିଦେଉଛି । ପ୍ରଥମେ ପ୍ରାରମ୍ଭିକ ପର୍ଯ୍ୟାୟରେ ତ' ଆମେମାନେ କାଦିଆନ୍ ବାହାରକୁ ବାହାରୁ ନଥିଲୁ କିମ୍ବା ଭାରତବର୍ଷ ପର୍ଯ୍ୟନ୍ତ ହିଁ ସୀମିତ ହୋଇ ରହିଥିଲୁ । କିନ୍ତୁ ବର୍ତ୍ତମାନ ବିଶ୍ୱର 220ଟି ଦେଶମାନଙ୍କରେ ମସ୍‌ଜିଦ୍‌ଗୁଡ଼ିକର ମୋଟ୍ ସଂଖ୍ୟା 9300ରୁ ଉର୍ଦ୍ଧ୍ୱ ମସ୍‌ଜିଦ୍‌ଗୁଡ଼ିକ ରିହଛି । ମିଶନ୍ ହାଉସ୍‌ର ସଂଖ୍ୟା ତିନି 3400ରୁ ଉର୍ଦ୍ଧ୍ୱ ରହିଛି । ବର୍ତ୍ତମାନ ଦର୍ଜନରୁ ଉର୍ଦ୍ଧ୍ୱ ମସ୍‌ଜିଦ୍ ନିର୍ମାଣ ହେଉଛି । ମିଶନ ହାଉସ୍ ମଧ୍ୟ ନିର୍ମାଣାଧୀନ ରହିଛି । ମୁବଲ୍ଲିଗିନ୍ ଓ ମୁଅଲ୍ଲମିନ୍‌ମାନଙ୍କ ସଂଖ୍ୟା ପୃଥିବୀରେ ପ୍ରାୟ 5000 ପାଖାପାଖି ରହିଛି । ଏହି ସଂଖ୍ୟା ମଧ୍ୟ କ୍ରମଶଃ ବୃଦ୍ଧି ପାଉଛି । ଅଲ୍ଲାଃତାଲାଙ୍କ କୃପାରୁ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ମଧ୍ୟ ହେଉଛି । 77ଟି ଭାଷାରେ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ହୋଇ ସାରିଛି । ଲିଟ୍ରେଚର୍ ଆଦି ପ୍ରକାଶିତ ହେଉଅଛି । ବିଭିନ୍ନ ଭାଷାରେ ଲିଟ୍ରେଚର୍‌ମାନଙ୍କର ଅନୁବାଦ କରାଯାଉଛି ଓ ଅସଂଖ୍ୟ କାର୍ଯ୍ୟ ଉକ୍ତ ତେହ୍‌ରିକ୍ ମାଧ୍ୟମରେ ସମ୍ପାଦିତ ହେଉଅଛି । ଅର୍ଥାତ୍ ଏହି ସମସ୍ତ କାର୍ଯ୍ୟଗୁଡ଼ିକ ତେହ୍‌ରିକେ ଜଦିଦ୍ କାର୍ଯ୍ୟ ମାଧ୍ୟମରେ ଆରମ୍ଭ ହେବା ଯୋଗୁଁ ଆରମ୍ଭ ହୋଇଥିଲା । ଅର୍ଥାତ୍ ତହିଁରେ ଅନ୍ୟ ଚାନ୍ଦା ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କିନ୍ତୁ ଉକ୍ତ ତେହ୍‌ରିକ୍ (ଆହ୍ୱାନର) ଯଥେଷ୍ଟ ଭୂମିକା ରହିଛି । ଯାହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ବର୍ତ୍ତମାନ ମୁଁ ତେହ୍‌ରିକେ ଜଦିଦର ନୂତନ ବର୍ଷର ଘୋଷଣା କରୁଅଛି । ତେହ୍‌ରିକେ ଜଦିଦ୍‌ର ବିଗତ ବର୍ଷଟି 89ତମ ବର୍ଷ ଥିଲା । ବର୍ତ୍ତମାନ ଆମେମାନେ ନୂତନ ବର୍ଷରେ ପଦାର୍ପଣ କରୁଛୁ। ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ବିଶ୍ୱବ୍ୟାପୀ ଜମାଅତ୍ ଅହେମଦିୟାକୁ 17.20 ମିଲିୟନ୍ ପାଉଣ୍ଡ ଅର୍ଥ ବଳିଦାନ କରିବାକୁ ସାମର୍ଥ୍ୟ ଲାଭ ହୋଇଛି । **ଅଲ୍‌ହମ୍‌ଦୁଲିଲ୍ଲାଃ।** ପୃଥିବୀର ଅର୍ଥନୈତିକ ସ୍ଥିତି ସ୍ୱଚ୍ଛଳ ନଥିବା ସତ୍ତ୍ୱେ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ  ଉକ୍ତ ବଳିଦାନଟି 7055000 ପାଉଣ୍ଡ ଅଧିକ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୃଥିବୀ ବ୍ୟାପୀ ଜମାଅତ୍‌ମାନଙ୍କ ମଧ୍ୟରୁ ଜମାଅତ୍ ଅହେମଦିୟା ଜର୍ମାନୀ ପ୍ରଥମ ସ୍ଥାନ ଅଧିକାର କରିଛି । ଜର୍ମାନୀବାସୀ ନିଜର ଏହି ମର୍ଯ୍ୟାଦାକୁ ବଜାୟ ରଖିଛନ୍ତି ।

ମୁଦ୍ରା ସ୍ଫୀତି, ସଂସାରରେ ଆର୍ଥିକ ସ୍ଥିତି ଖରାପ ଥିବା ଯୋଗୁଁ ସବୁଠୁ ବେଶୀ ଯେଉଁ ଦେଶ ପ୍ରଭାବିତ ହୋଇଛି ସେହି ଦେଶ ହେଉଛି ପାକିସ୍ତାନ । କିନ୍ତୁ ସାମୂହିକ ରୂପେ ପ୍ରତ୍ୟେକ ବ୍ୟକ୍ତି ନିଜର ବଳିଦାନର ସ୍ତରକୁ ସ୍ଥାନୀୟ ରୂପେ ମଧ୍ୟ ବୃଦ୍ଧି କରିଛି । ପାକିସ୍ତାନ ବ୍ୟତୀତ ଯେଉଁ ଦଶଟି ଦେଶ ପ୍ରଥମ ଦଶଟି ସ୍ଥାନ ଅଧିକାର କରିଛନ୍ତି ସେହି ଦେଶଗୁଡ଼ିକ ଯଥାକ୍ରମେ ହେଲେ- ଜର୍ମାନୀ, ବ୍ରିଟେନ୍, କାନାଡ଼ା । କାନାଡ଼ାବାସୀ ମଧ୍ୟ ତୃତୀୟ ସ୍ଥାନକୁ ଚାଲି ଆସିଛନ୍ତି । ଆମେରିକା ଚତୁର୍ଥ ସ୍ଥାନକୁ ଖସି ଆସିଛି । ପଞ୍ଚମରେ ମିଡ଼ିଲ୍ ଇଷ୍ଟର ଜମାଅତ୍ ଅଛନ୍ତି । ଷଷ୍ଠ ସ୍ଥାନରେ ଭାରତ ରହିଛି । ଅଷ୍ଟମରେ ଅଷ୍ଟ୍ରେଲିୟା ରହିଛି । ନବମରେ ଇଣ୍ଡୋନେସିଆ ଓ ମିଡ଼ିଲ୍ ଇଷ୍ଟର ଏକ ଜମାଅତ୍ ରହିଛି । ପୁନଶ୍ଚ ଦଶମ ସ୍ଥାନରେ ଘାନା ରହିଛି । ଏଠିକାର ମୁଦ୍ରାର ମୂଲ୍ୟ ଅତି ତଳକୁ ଖସି ଆସିଛି । କିନ୍ତୁ ଏହା ସତ୍ତ୍ୱେ ଘାନା ଚଳିତ ବର୍ଷ ମଧ୍ୟ ନିଜକୁ ଦଶମ ସ୍ଥାନରେ ବଜାୟ ରଖିଛି ।

ଯେଉଁସବୁ ଛୋଟ ଛୋଟ ଜମାଅତ୍‌ଗୁଡ଼ିକ ରହିଛନ୍ତି ତନ୍ମଧ୍ୟରେ ଚର୍ଚ୍ଚାଯୋଗ୍ୟ ଜମାଅତ୍‌ଗୁଡ଼ିକ ହେଲେ- ଆୟରଲ୍ୟାଣ୍ଡ, ମରେଶିୟସ୍, ହଲାଣ୍ଡ, ମାଲେସିଆ,

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 29 AUGUST 2024 Issue No. - 35

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସିନିଗାଲ, ନ୍ୟୁଜିଲ୍ୟାଣ୍ଡ, କିର୍ଗିସ୍ତାନ୍, ଜର୍ଜିୟା ଇତ୍ୟାଦି ।

ସେହିପରି ଆଫ୍ରିକା ମହାଦେଶର ପ୍ରମୁଖ ସ୍ଥାନ ଅଧିକାର କରିଥିବା ଦେଶଗୁଡ଼ିକ ହେଲେ, ଘାନା, ମରେଶିୟସ୍, ନାଇଜେରିୟା, ବୁର୍କିନାଫାସୋ, ତାନ୍‌ଜାନିୟା, ଗ୍ୟାମ୍ବିୟା, ୟୁଗାଣ୍ଡା, ଲାଇବେରିୟା, ସେରାଲିଓନ୍ ଇତ୍ୟାଦି । ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସାମୁହିକ ସଂଖ୍ୟା ଦୃଷ୍ଟିରୁ 16,37000ରୁ ଅତିକ୍ରମ କରିଯାଇଛି । ଏହି ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅଧିକ ସଂଖ୍ୟକ ଯେଉଁ ଦେଶ କାମ କରିଛନ୍ତି ତନ୍ମଧ୍ୟରୁ ପ୍ରମୁଖ ଦେଶଗୁଡ଼ିକ ହେଲେ- ଗିନି କରାକେରୀ, ଜାମାଇକା, କିର୍ଗିସ୍ତାନ, ଜ୍ୟାମ୍ବିୟା, ନେପାଳ, ଘାନା, ତାନ୍‌ଜାନିୟା, କଙ୍ଗୋ କିନ୍‌ଶାଶା, କଙ୍ଗୋ ବ୍ରାଜ୍‌ୱେଲ୍, ନାଇଜେରିୟା, ସିନିଗାଲ, ଆଇଭରୀ କୋଷ୍ଟ ଓ ମିଡ଼ିଲ୍ ଇଷ୍ଟର ଏକ ଜମାଅତ୍ ଅନ୍ତର୍ଭୁକ୍ତ ରହିଛି ।

ଜର୍ମାନୀର ପ୍ରଥମ ଦଶଟି ଜମାଅତ୍ ଯଥାକ୍ରମେ ହେଲେ- ରୋଡ଼ମାର୍କ(Rodermark), ରୋଡ଼ଗାଓ(Rodgau), କୈଲ୍, ଓସ୍ନାବ୍ରୁକ୍(Osnabrück), ପିନେବର୍ଗ(Pinneberg), ନ୍ୟୁସ୍(Neuss), ନିଡ଼ା (Nidda), କୋଲୋନ୍(Köln), ମେହଦୀୟାବାଦ୍, ଫ୍ଲୋରିସହାଏମ୍ (Florsheim)।

10ଟି ଏମିରାତ୍‌ମାନେ ହେଲେ ହ୍ୟାମ୍ବର୍ଗ (Hamburg), ଫ୍ରାଙ୍କଫର୍ଟ (Frankfurt), ଗ୍ରସ୍‌ଗେରାଉ (Gross-Gerau), ୱିଜ୍‌ବାଦେନ୍ (Wiesbaden), ଡିଏଟ୍‌ସେନବାଖ୍ (Dietzenbach), ରିଏଡ଼ଷ୍ଟାଟିଡ୍ (Riedstadt), ରଜେଲସ୍‌ହାଏମ୍ (Russelheim), ମୋରଫେଲ୍‌ଡ଼ନ୍ (Mörfelden), ୱାଲଡ୍ରାଫ୍, ଡାର୍ମଷ୍ଟେଟେଡ୍ (Darmstadt), ମ୍ୟାନହାଏମ୍ (Mannheim) ।

ବ୍ରିଟେନ୍‌ର ପ୍ରଥମ ପାଞ୍ଚଟି ଅଞ୍ଚଳ (ଜିଲ୍ଲା) ମଧ୍ୟରେ ପ୍ରଥମ ହେଉଛି ବୈତୁଲ୍ ଫୁତୁହ୍, ମିଡ଼ଲ୍ୟାଣ୍ଡ (Midlands), ମସ୍‌ଜିଦ୍ ବୈତୁଲ୍ ଫୁତୁହ୍ ।

ବ୍ରିଟେନ୍‌ର ବଡ଼ ବଡ଼ ଜମାଅତ୍ ହେଲେ- ଫାର୍ଣ୍ଣହ୍ୟାମ୍ (Farnham) ୱୋରସେଷ୍ଟର୍ ପାର୍କ (Worcester Park), ସାଉଥ୍ ଚେମ୍ (South Cheam), ଇସ୍‌ଲାମାବାଦ୍, ୱାଲସାଲ୍ (Walsall), ଏଶ୍ (Ash), ଜିଲିନ୍‌ଘମ୍ (Gillingham), ଆଲଡରଷଟ୍ ସାଉଥ୍ (Aldershot South),ଇୱେଲ (Ewell), ବ୍ରାଡ଼ଫର୍ଡ ନର୍ଥ ।

ବ୍ରିଟେନ୍‌ର ଛୋଟ ଜମାଅତ୍ ମଧ୍ୟରେ ସ୍ପେନ୍ ଭ୍ୟାଲି (Spen Valley), ସୱାନଜି (Swansea), ନର୍ଥ ହ୍ୟାମ୍ପଟନ୍ (North-Hampton), ନର୍ଥ ୱେଲସ୍ (North Wales), ନ୍ୟୁପୋର୍ଟ (Newport) ।

କାନାଡ଼ାର ଏମିରାତ୍ ମଧ୍ୟରେ ୱାନ୍(Vaughan), କ୍ୟାଲଗେରୀ (Calgary), ପିସ୍ ଭିଲେଜ୍ (Peace Village), ଭ୍ୟାଙ୍କ୍ ଓଭର (Vancouver), ମିସିସ୍‌ସାଗା (Mississauga), ଟରୋଣ୍ଟୋ (Toronto)।

କାନାଡ଼ାର ଛୋଟ ଜମାଅତ୍‌ମାନେ ହେଲେ, ହ୍ୟାମିଲଟନ୍ (Hamilton Mountain), ଓଟାୱା ୱେଷ୍ଟ (Ottawa East), ବ୍ରାଡ଼ଫୋର୍ଡ୍ ଇଷ୍ଟ (Bradford East), ହ୍ୟାମିଲଟନ୍ ୱେଷ୍ଟ (Hamilton West), ମଣ୍ଟ୍ରିୟାଲ୍ ୱେଷ୍ଟ (Montreal West), ୱିନିପେଗ୍ (Winnipeg), ରିଜାଇନା (Regina), ଲଏଡ୍ ମିନିଷ୍ଟର (Lloydminster), ଏବୋଟ୍‌ସଫୋର୍ଡ୍ (Abbotsford) ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମେରିକାର ପ୍ରମୁଖ ଜମାଅତ୍‌ଗୁଡ଼ିକ ହେଲେ- ମେରୀଲ୍ୟାଣ୍ଡ(Maryland), ନର୍ଥ ଭର୍ଜିନିୟା (North Virginia), ଲସ୍ ଏଞ୍ଜେଲସ (Los Angeles), ସିୟାଟେଲ୍ (Seattle), ଶିକାଗୋ (ଚିକାଗୋ) (Chicago), ସିଲିକନ୍ ଭ୍ୟାଲୀ (Silicon Valley), ଡେଟ୍ରଇଟ୍ (Detroit), ହଷ୍ଟନ୍ (Houston), ଓଶ୍‌କୋଷ୍ (Oshkosh), ନର୍ଥ ଜର୍ସି (North Jersey), ସାଉଥ ଭର୍ଜିନିୟା (South Virginia), ସେଣ୍ଟ୍ରାଲ୍ ଜର୍ସି (Central Jersey), ଡେଲାସ୍ (Dallas) ।

ଆଦାୟ ଦୃଷ୍ଟିରୁ ପାକିସ୍ତାନ୍‌ର ସହରୀ ଜମାଅତ୍‌ମାନଙ୍କ ମଧ୍ୟରେ ଏମିରାତ୍ ଟାଉନ୍ ଶିପ୍ ଲାହୋର୍, ଏମିରାତ୍ ଅଲ୍ଲାମା ଇକବାଲ୍ ଟାଉନ୍ ଲାହୋର୍, ଏମିରାତ୍ (ପ୍ରଦେଶ) ଦାରୁଜ୍ ଜିକର୍ ଲାହୋର୍, ଏମିରାତ୍ ଅଜିଜାବାଦ୍ କରାଚୀ, ଏମିରାତ୍ ମୋଗଲ ପୁରା ଲାହୋର୍, ମୁଲତାନ୍, ଏମିରାତ୍ ବୈତୁଲ୍ ଫଜଲ୍ ଫୈସଲାବାଦ୍, ଗୁଜ୍‌ରାନାୱାଲା, କ୍ୱେଟା, ପେଶାୱର୍ ।

ପାକିସ୍ତାନ୍‌ର ଯେଉଁ ଛୋଟ ଛୋଟ ଜମାଅତ୍‌ମାନେ ରହିଛନ୍ତି ତନ୍ମଧ୍ୟରେ ପ୍ରମୁଖ ଛୋଟ ଜମାଅତ୍‌ମାନେ ଯଥାକ୍ରେମେ ଏହିପରି ଅଟନ୍ତି- ଖୋଖର୍ ଗର୍ବି, ଚୋଣ୍ଡା, କୋଟ୍ ଶରୀଫାବାଦ୍, ବଶୀରାବାଦ ସିନ୍ଧ, ଖରିୟାଁ, ହୟାତାବାଦ୍, ପିଣ୍ଡି ବାଗୋ, ଦାରୁଲ୍ ଫଜଲ୍ କନ୍ରୀ, ନୱାଜାବାଦ୍ ଫାର୍ମ, ଖୈରପୁର୍ ।

ଭାରତର ପ୍ରଦେଶମାନଙ୍କ ମଧ୍ୟରେ ପ୍ରଥମ ଦଶଟି ପ୍ରଦେଶ ହେଲେ, କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ଜାମ୍ମୁ କାଶ୍ମୀର, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ମହାରାଷ୍ଟ୍ର ।

ବଳିଦାନ ଦୃଷ୍ଟିରୁ ଦଶଟି ଜମାଅତ୍‌ମାନେ ଯଥାକ୍ରମେ ହେଲେ, କୋୟମ୍ବଟୁର୍ ତାମିଲ୍‌ନାଡ଼ୁ, କାଦିୟାନ୍, ହାଇଦ୍ରାବାଦ୍, କାଲିକଟ୍, ମଞ୍ଜେରୀ, ମେଲାପାଲମ୍, ବାଙ୍ଗାଲୋର, କଲିକତା, କ୍ୟାରୁଲାଇ ଏବଂ କେରଙ୍ଗ ।

ଅଷ୍ଟ୍ରେଲିୟାର ପ୍ରଥମ 10ଟି ଜମାଅତ୍‌ମାନେ ହେଲେ, ମେଲବର୍ଣ୍ଣ ଲଙ୍ଗୱାରିନ୍ (Melbourne Lang warrin), ମେଲ୍‌ବର୍ଣ୍ଣ ବେରୱିକ୍ (Melbourne Berwick), ମାର୍ସଡ଼େନ୍ ପାର୍କ (Marsden Park), ପେନରିଥ୍ (Penrith) ପର୍ଥ (Perth), ଏଡ଼ିଲେଡ୍ ୱେଷ୍ଟ (Adelaide West), କାସିଲ୍ ହିଲ୍ (Castle Hill), ବ୍ରିସ୍‌ବେନ ଲୋଗାନ୍ ଇଷ୍ଟ (Brisbane Logan East), ପେରାମେଟା (Parramatta), ମେଲ୍‌ବର୍ଣ୍ଣ କ୍ଲାଇଡ୍ (Melbourne Clyde) ।

ହୁଜୁର ଅନ୍‌ୱର୍ ଅ.ବ ସମସ୍ତ ବଳିଦାନକାରୀଙ୍କ ପାଇଁ ଦୁଆ କଲେ ଏବଂ କହିଲେ, ଅଲ୍ଲାଃତାଲା ସମସ୍ତ ବଳିଦାନକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପାଲେଷ୍ଟାଇନ୍‌ବାସୀଙ୍କୁ ସର୍ବଦା ନିଜ ଦୁଆରେ ସ୍ମରଣ (ମନେ) ରଖନ୍ତୁ । ସେମାନଙ୍କୁ କେବେ ବି ଭୁଲନ୍ତୁ ନାହିଁ । ମହିଳା, ପିଲାମାନେ ଅତ୍ୟାଚାରର ଶିକାର ହୋଇ ଯେଉଁ ଚକ୍କିରେ ପେଷି ହେଉଛନ୍ତି ଅଲ୍ଲାଃତାଲା ଯଥାଶୀଘ୍ର ସେମାନଙ୍କ ମୁକୁଳାଇବା ନିମନ୍ତେ ସାଧନ ସୃଷ୍ଟି କରନ୍ତୁ । **ଆମିନ୍ ।**

☆--☆--☆

## ବଦର୍ ସମ୍ବାଦପତ୍ରର ସଂଖ୍ୟାଗୁଡ଼ିକୁ ସୁରକ୍ଷିତ କରି ରଖନ୍ତୁ

ହଜରତ୍ ମସିହ୍ ମଉଦ୍ ଅ.ସଙ୍କ କାଳର ଅବିସ୍ମରଣୀୟ ସ୍ମୃତି ହେଉଛି "**ଅଖ୍‌ବାର୍ ବଦର୍**" ଉକ୍ତ ସମ୍ବାଦପତ୍ରଟି 1952 ମସିହାରୁ ଅହରହ ଭାବରେ କାଦିଆନ୍ ଦାରୁଲ୍ ଅମାନରୁ ପ୍ରକାଶିତ ହୋଇ ଆସୁଛି ଏବଂ ଜମାଅତର ସଦସ୍ୟ ବୃନ୍ଦ ଓ ପାଠକ ବୃନ୍ଦଙ୍କ ଧାର୍ମିକ ଆବଶ୍ୟକତାକୁ ପୂରଣ କରି ଆସୁଛି ତଥା ସେମାନଙ୍କର ଧାର୍ମିକ ତୃଷ୍ଣାକୁ ମେଣ୍ଟାଇ ଆସୁଛି । ଉକ୍ତ ସମ୍ବାଦପତ୍ରରେ ପବିତ୍ର କୁରଆନୀୟ ଆୟାତ୍, ଆହାଦିସେ ନବୱିୟାହ୍ ସ.ଅ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ମଲ୍‌ଫୁଜାତ୍ ଏବଂ ଲେଖନୀ ବ୍ୟତୀତ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ସଦ୍ୟତମ ଖୁତ୍‌ବା ଜୁମା ଏବଂ ଖିତାବାତ୍ ଅର୍ଥାତ୍ ଉଦ୍‌ବୋଧନ, ପ୍ରାଣ ପୋଷଣକାରୀ ସନ୍ଦେଶ, ଖୁତ୍‌ବା ଜୁମା, ପ୍ରଶ୍ନୋତ୍ତର ତଥା ହୁଜୁର ଅନୱର୍ ଅ.ବଙ୍କ ବିଭିନ୍ନ ଗସ୍ତ ସଂପର୍କିତ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧ ଧାର୍ମିକ ଏବଂ ସାଂସାରିକ ଜ୍ଞାନର ନିଧି ଦ୍ୱାରା ପରିପୂର୍ଣ୍ଣ ରିପୋର୍ଟସ୍ ପ୍ରକାଶିତ ହୋଇଥାଏ ।

ଉକ୍ତ ବଦର୍‌ରେ ପ୍ରକାଶିତ ଉପରୋକ୍ତ ବିଷୟ ବସ୍ତୁର ଅଧ୍ୟୟନ କରିବା, ଏହି ଆଧାତ୍ମିକ ନିଧିକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା, ଉକ୍ତ ସମ୍ବାଦପତ୍ରରେ ପ୍ରକାଶିତ ଆଦେଶାବଳୀ ଏବଂ ଉପଦେଶାବଳୀ ଅନୁଯାୟୀ ଏହା ଉପରେ କାର୍ଯ୍ୟାନୁସରଣ କରିବା, ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ନିଜର ଓ ନିଜ ସନ୍ତାନମାନଙ୍କର ଶିକ୍ଷା ଓ ସଂସ୍କାର କରିବା ଆମ ସମସ୍ତଙ୍କ ଉପରେ ବିଧେୟ ତଥା ଅପରିହାର୍ଯ୍ୟ ଅଟେ ।

ଉପରୋକ୍ତରେ ବର୍ଣ୍ଣିତ ସମସ୍ତ ଅଭିପ୍ରାୟ ପ୍ରାପ୍ତି ନିମନ୍ତେ ସମ୍ବାଦ ପତ୍ର ବଦରର ସଂଖ୍ୟାଗୁଡ଼ିକୁ ସୁରକ୍ଷିତ ଉପାୟରେ ନିଜ ପାଖେର ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଟେ । ଧାର୍ମିକ ଶିକ୍ଷା ଓ ସଂସ୍କାର ଉପେରେ ପର୍ଯ୍ୟବେସିତ ଏହି ପବିତ୍ର ସମ୍ବାଦପତ୍ର ଆମ ଠାରୁ ଏହା ଆଶା କରେ କି ଉକ୍ତ ସମ୍ବାଦ ପତ୍ର ପ୍ରତି ବିଶେଷ ସମ୍ମାନ ପ୍ରଦର୍ଶନ କରାଯାଉ । ଅତଏବ୍ ଉକ୍ତ ଧାର୍ମିକ ଖବର କାଗଜକୁ ବ୍ୟର୍ଥ ତଥା ହେୟ ବୋଲି ମନେକରି, ଏହାକୁ ବହି ଖାତା ଭାବି ବିକ୍ରି କରିଦେବା ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ ଅଟେ ।

ଯଦି ଆପଣମାନେ ଏହାକୁ ସଠିକ୍ ଭାବରେ ସମ୍ଭାଳି ରଖିପାରୁ ନାହାନ୍ତି ତେବେ ଏହାକୁ ସତର୍କତାର ସହିତ ନଷ୍ଟ କରି ଦିଅନ୍ତୁ । କାରଣ ପବିତ୍ର ଲେଖନୀର ଯେପରି ସମ୍ମାନ କ୍ଷୁର୍ଣ୍ଣ ନହେଉ । ଆଶା କରୁ କି ଜମାଅତ୍‌ର ସଦସ୍ୟବୃନ୍ଦ ଏଥି ପ୍ରତି ବିଶେଷ ଦୃଷ୍ଟି ଏବଂ ଧ୍ୟାନ ଦେବେ ଓ ତହିଁରୁ ସେମାନେ ଭରପୁର ଲାଭାନ୍ୱିତ ତଥା ଉପକୃତ ହୋଇ ଉପରୋକ୍ତ କଥା ପ୍ରତି ଧ୍ୟାନ ଦେବେ । (ସମ୍ପାଦକୀୟ) ।

☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan